**ସଂକ୍ଷେପରେ**

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୪।୨:** ଗଞ୍ଜାମ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ମଙ୍ଗଳବାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଶୁଣାଣି କରିଥିଲେ। ଦୀର୍ଘ ୨୩ ବର୍ଷର ବିଚାର ପରେ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ତତ୍କାଳୀନ କନ୍ଧମାଳ ଜିଲା କାଳିଙ୍ଗା ସେକ୍ସନ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଅଭିମନ୍ୟୁ ଜେନା।

ପ୍ରକାଶ ଯେ, ୧୯୯୭ ଜୁଲାଇ ୨୭ ତାରିଖରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅଭିମନ୍ୟୁଙ୍କ ପୈତୃକ ବାସଭବନ, କାର୍ଯ୍ୟାଳୟ ଓ ତାଙ୍କ ଭାଇଙ୍କ ଗାଙ୍ଗପୁର ଥାନା ଅନ୍ତର୍ଗତ ଜାଲଖାଇ ଗାଁରେ ଏକକାଳୀନ ଚଢାଉ ହୋଇଥିଲା। ସେତେବେଳେ ତାଙ୍କ ସମ୍ପତ୍ତି ୯ ଲକ୍ଷ ୬୦ ହଜାର ୨୬୫ ଟଙ୍କା ଆକଳନ କରାଯାଇଥିଲା। ସେଥିରୁ ଆୟ ବହିର୍ଭୂତ ସମ୍ପତ୍ତି ୭ ଲକ୍ଷ ୨୫ ହଜାର ୮୮୧ ଟଙ୍କା ୭୬ ପଇସାର ହିସାବ ବାହାରିଥିଲା, ଯାହାକି ତାଙ୍କ ଆୟଠାରୁ ଶତକଡା ୮୨ ପ୍ରତିଶତ ଅଧିକ ଥିଲା। ଭିଜିଲାନ୍ସ ମାମଲା ନଂ.୪୩/୯୭ରେ ଅଭିମନ୍ୟୁଙ୍କୁ ଗିରଫ କରିଥିଲା। ପରେ ସେ ଜାମିନରେ ଛାଡ ପାଇଥିଲେ। ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ସରକାରଙ୍କ ପକ୍ଷରୁ ୧୭ ଜଣ ସାକ୍ଷୀ ଓ ମୁଦାଲାଙ୍କ ପକ୍ଷରୁ ୩ ଜଣ ସଫେଇ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଅଭିଯୁକ୍ତ ଅଭିମନ୍ୟୁଙ୍କୁ ବିଚାରପତି ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତପନ କୁମାର ଦାସ, ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

## କ୍ରାନ୍ତି ତରଫରୁ ବିଶ୍ୱ କର୍କଟ ଦିବସ ପାଳିତ

**ବ୍ରହ୍ମପୁର ଅଫିସ୍,୪।୨:** ସ୍ଥାନୀୟ ବ୍ରହ୍ମାନଗରସ୍ଥିତ କ୍ରାନ୍ତି ଅନୁଷ୍ଠାନ ତରଫରୁ ବିଶ୍ୱ କର୍କଟ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ କ୍ରାନ୍ତି ଅନୁଷ୍ଠାନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ପୂର୍ବତନ ବିଧାୟକ ଡା. ରମେଶଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ଗଞ୍ଜାମ ଜିଲା ଯୁବ ବିଜେଡି ସଭାପତି ଧନଞ୍ଜୟ ରାଓ, ସାମାଜିକକର୍ମୀ ରାଜେନ୍ଦ୍ର କୁମାର ଜେନା, କାହ୍ନୁଚରଣ ଚୌଧୁରୀ, ସନ୍ତୋଷ କୁମାର ଜେନା, ଇଂ.ପ୍ରଶାନ୍ତ କୁମାର ପାତ୍ର ଓ ଇଂ.ଅନିଲ୍ କୁମାର ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବିଶ୍ୱ କର୍କଟ ଦିବସ ଅବସରରେ ଜନସାଧାରଣଙ୍କୁ କର୍କଟ ରୋଗ ବିଷୟରେ ସଚେତନ କରିଥିଲେ। ଏହି ଅବସରରେ ଜନସାଧାରଣଙ୍କଠାରୁ ଦସ୍ତଖତ ଅଭିଯାନ କରାଯାଇଥିଲା। ଉକ୍ତ ସଚେତନତା କାର୍ଯ୍ୟକ୍ରମକୁ ନିର୍ମଳା ଦାଶ, ଲିଲି ସାହୁ, ଦେବବ୍ରତ ଗୌଡ଼, ମହେଶ ପ୍ରସାଦ ପାଢ଼ୀ, ଆଦିତ୍ୟ ପାଢ଼ୀଙ୍କ ସମେତ କ୍ରାନ୍ତି ଅନୁଷ୍ଠାନର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ସଚେତନ ହେଲେ କର୍କଟ ରୋଗକୁ ଦୂରେଇ ହେବ

**ଜିଲା ସ୍ୱାସ୍ଥ୍ୟ ସମିତିର ବିଶ୍ୱ କର୍କଟ ଦିବସ**

■ମାର୍ଚ୍ଚ ସୁଦ୍ଧା ୫୦ ହେଲ୍ଥ ୱେଲନେସ ସେଣ୍ଟର ଖୋଲିବାକୁ ଯୋଜନା

ବ୍ରହ୍ମପୁର ଅଫିସ,୪।୨



ଉପସ୍ଥିତ ଏଏନ୍ଏମ୍ ଛାତ୍ରୀ ।

କର୍କଟ ରୋଗର ଅରୋଗ୍ୟ ସମ୍ଭବ। ପ୍ରାୟ ୪୦ରୁ ୫୦ ପ୍ରତିଶତ କର୍କଟରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ବର୍ତ୍ତମାନ ସମ୍ଭବ ହୋଇପାରୁଛି। ସାରା ବିଶ୍ୱରେ ପ୍ରତି ମିନିଟରେ ୧୭ ଜଣ କର୍କଟ ରୋଗରେ ମୃତ୍ୟୁ ମୁଖରେ ପଡୁଛନ୍ତି। ପ୍ରଥମିକ ଅବସ୍ଥାରେ କର୍କଟ ରୋଗ ଚିହ୍ନଟ ହୋଇପାରିଲେ, ତା'ର ଚିକିତ୍ସା କରାଯାଇ ପାରିବ । ବିଭିନ୍ନ ପ୍ରକାର କର୍କଟରୋଗର ପରୀକ୍ଷା ତଥା ଚିକିତ୍ସା ପାଇଁ ସରକାରୀ ହସ୍ପିଟାଲରେ ମାଗଣା ସେବା ପ୍ରଦାନ କରାଯାଉଛି। ତେଣୁ ଆଗାମୀ ଦିନରେ କର୍କଟରୋଗ ମହାମାରୀ ରୂପ ନେବା ପୂର୍ବରୁ ପ୍ରତ୍ୟେକ କର୍କଟ ରୋଗ ପରୀକ୍ଷା ନେଇ ସଚେତତ କରିବାର ଆବଶ୍ୟକତା ରହିଛି ବୋଲି ମଙ୍ଗଳବାର ସନ୍ଧ୍ୟାରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଇସି ହଲରେ ଆୟୋଜିତ ବିଶ୍ୱ କର୍କଟ ଦିବସ ପାଳନ ଅବସରରେ ଆହ୍ୱାନ ଦିଆଯାଇଥିଲା । ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ପିଏଚଓ) ଡା. ଆର. ଜଗଦୀଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ ପାଢୀ, ଜିଲା ବହୁଜନ ବ୍ୟାଧି ନିୟନ୍ତ୍ରକ ଡା. ଅଶୋକ ମିଶ୍ର, ସାବିତ୍ରୀ ରାଉତ, ଜିଲା କାର୍ଯ୍ୟକ୍ରମ ପରିଚାଳକ(ଡିପିଏମ୍) ଶ୍ୟାମସୁନ୍ଦର ତ୍ରିପାଠୀ, ରୋଗ ନିୟନ୍ତ୍ରଣ ବିଭାଗ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅବନୀ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ବିଭିନ୍ନ ପ୍ରକାର କର୍କଟ ରୋଗ ମଧ୍ୟରେ ବର୍ତ୍ତମାନ ଭାରତରେ ସ୍ତନ କର୍କଟରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହୁଛି। ଏଥିପାଇଁ ଅଧିକ ସଚେତନତାର ଆବଶ୍ୟକତା ରହିଛି। ବର୍ତ୍ତମାନ ସମସ୍ତ ସରକାରୀ ମେଡିକାଲରେ କର୍କଟ ରୋଗ ଚିହ୍ନଟ ପାଇଁ ମାଗଣା ପରୀକ୍ଷା ଉପଲବ୍ଧ ହେଉଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଜିଲାର ଆହୁରି ୫୦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ହେଲଥ ୱେଲନେସ୍ ସେଣ୍ଟର ଖୋଲାଯିବାର ଯୋଜନା ରହିଛି । ଯାହାଦ୍ୱାରା ସମସ୍ତ ଡାକ୍ତରଖାନାରେ କର୍କଟରୋଗ ଚିହ୍ନଟ ପାଇଁ ପ୍ରତ୍ୟେକେ ମାଗଣାରେ ସ୍କାନିଂ କରିପରିବେ ବୋଲି ଡିପିଏମ୍ କହିଥିଲେ । ଏହାବ୍ୟତୀତ ଗଞ୍ଜାମ ଜିଲାରେ ୨୦୧୮– ୧୯ ଓ ୧୯–୨୦ର ରିପୋର୍ଟ ଅନୁସାରେ ଗତ ଡିସେମ୍ବର ସୁଦ୍ଧା ଜିଲାରେ ମୋଟ ଜନସଂଖ୍ୟାର ୬୯ ପ୍ରତିଶତ ଲୋକଙ୍କର କର୍କଟ ରୋଗ ସ୍କାନିଂ କରାଯାଇଛି । ସେଥିରୁ ୨୦୬୮ ଲୋକଙ୍କ ନିକଟରେ ସାଧାରଣ କର୍କଟ, ୩୪୬ ଜଣଙ୍କ ନିକଟରେ ସ୍ତନ କର୍କଟ, ୧୭୩ ଜଣଙ୍କ ନିକଟରେ ସର୍ଭିକାଲ କର୍କଟ ଚିହ୍ନଟ କରାଯାଇଛି । ସେମାନଙ୍କ ମାଗଣା ଚିକିତ୍ସା ବ୍ୟବସ୍ଥା ଆରମ୍ଭ କରାଯାଇଥିବା ସୂଚନା ଦିଆଯାଇଥିଲା। ତେବେ ଏହି ରୋଗରୁ ମୁକ୍ତି ପାଇଁ ତମାଖୁ ସେବନ, ନିଶା ସେବନଠାରୁ ଦୂରରେ ରହିବାକୁ କାର୍ଯ୍ୟକ୍ରମରେ ପରାମର୍ଶ ଦିଆଯାଇଥିଲା। ଏଥିରେ ଏଏନ୍ଏମ୍ ଛାତ୍ରୀଙ୍କ ସମେତ ସିଡିଏମ୍‌ପିଏଚଓଙ୍କ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଆସିକା,୪।୨(ଡି.ଏନ୍.ଏ.)

ଆସିକା ବିଚାର ବିଭାଗ ଅଦାଲତରେ ସୋମବାର ମନସ୍ୱିନୀ ରଥ ସିଭିଲ ଜଜ୍, ଜୁନିୟର ଡିଭିଜନ ଭାବେ ଯୋଗଦାନ କରିଛନ୍ତି । ମଙ୍ଗଳବାର ଆସିକା ଓକିଲ ସଂଘ ପକ୍ଷରୁ ଓକିଲ ସଂଘ ସଭା ଗୃହରେ ନୂତନ ବିଚାରପତିଙ୍କୁ ସ୍ୱାଗତ କରାଯାଇଥିଲା। ଏଥିଲାଗି ସଂଘ ସଭାପତି ସରୋଜ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ, ସିଭିଲ ଜଜ ଜୁନିୟର ଡିଭିଜନ ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ଓକିଲ ସଂଘ ସମ୍ପାଦକ ଛବିଳରାମ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାଥ ଶର୍ମା, ସୁଧାଂଶୁ କୁମାର ପଣ୍ଡା, ସୁଧାଂଶୁ କୁମାର ପାଣିଗ୍ରାହୀ ଓ ନାରାୟଣ ମୁନୀ ପ୍ରମୁଖ ଯୋଗ ଦେଇଥିଲେ ।

## ପୌରପାଳିକା ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ମଞ୍ଚାସୀନ ଅତିଥି ଓ ଶିକ୍ଷୟିତ୍ରୀଶିକ୍ଷକ ।

ବ୍ରହ୍ମପୁର ଅଫିସ,୪।୨

ବ୍ରହ୍ମପୁର ଆସିକା ରୋଡ଼ସ୍ଥିତ ସରକାରୀ ପୌରପାଳିକା ବାଳିକା ଉଚ୍ଚ ବିଦ୍ୟାଳୟରେ ୫୮ ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ଡ.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ଭଲ ପାଠ ପଢି କିପରି ଦକ୍ଷତା ଲାଭ କରି ଜୀବନରେ ନିଜର ନାମର ସ୍ୱତନ୍ତ୍ରତା ବଜାୟ ରଖିବା ଲାଗି ପରାମର୍ଶ ଦେବା ସହ ନିଜର ଜନ୍ମ ଦିନରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ଅନୁରୋଧ କରିଥିଲେ। ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ବିଦ୍ୟାର୍ଥୀମାନଙ୍କ ଅନ୍ତର୍ନିହିତ ଗୁଣଗୁଡ଼ିକୁ ବାହାରେ ପ୍ରକାର କରିବା ପାଇଁ ପ୍ରୋତ୍ସାହନ ଦେଇ ଛାତ୍ରୀଛାତ୍ରମାନଙ୍କ କର୍ମ ଓ କର୍ତ୍ତବ୍ୟ ବିଷୟରେ ଜଣାଇଥିଲେ। ଚିକିଟି ତହସିଲଦାର ହରିପ୍ରସାଦ ଭୋଇ, କେ.ସି. ହାଇସ୍କୁଲ ପ୍ରଧାନ ଶିକ୍ଷକ ଶିବ କୁମାର ବର୍ମା ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ବକ୍ତୃତା, ସଙ୍ଗୀତ ଓ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଏବଂ ତୃତୀୟ ହୋଇଥିବା ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ସଞ୍ଜୁ ସାହୁ, ସୁଷମା ସ୍ୱରା, ସଂଯୁକ୍ତ ପାତ୍ର ଓ ପ୍ରଶିକ୍ଷଣ ଶିକ୍ଷୟିତ୍ରୀ ଶିକ୍ଷକ ଅନିଲ କୁମାର ଦଳବେହେରା, ପ୍ରଗତି ବେହେରା, କାହ୍ନୁ ଚରଣ ପାଣିଗ୍ରାହୀ, ପ୍ରିୟଙ୍କା ଶତପଥୀ,ନୀଳାଦ୍ରି କୁମାରୀ ଦାସଙ୍କ ସମେତ ବହୁ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ନମିତା ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିବା ସହ ମିନତି ତ୍ରିପାଠି ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଣି ପଞ୍ଚାୟତ ଚକ କମିଟି ନିର୍ବାଚନ ବାତିଲ

ଦିଗପହଣ୍ଡି,୪।୨(ଡି.ଏନ.ଏ.)

ଦିଗପହଣ୍ଡିସ୍ଥିତ ଘୋଡ଼ାହାଡ଼ ପାଣି ପଞ୍ଚାୟତ ଜଳ ଶୀର୍ଷ କମିଟି ଅଧୀନ ଖମାରୀଗାଁ ମା' ରାମଚଣ୍ଡୀ ନଂ. ୧ ପାଣି ପଞ୍ଚାୟତର ଚକ କମିଟି ନିର୍ବାଚନ ମଙ୍ଗଳବାର ବାତିଲ ହୋଇଯାଇଛି। ଚକ କମିଟି ନିର୍ବାଚନ ପାଇଁ ଦକ୍ଷିଣାଞ୍ଚଳ ଜଳସେଚନ ମଣ୍ଡଳ–୧ ବ୍ରହ୍ମପୁର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୬୫ ଅନୁଯାୟୀ ପୂର୍ବରୁ ନୋଟିସ କରାଯାଇଥିଲା। ଘୋଡ଼ାହାଡ଼ ଡ୍ୟାମ ଡାକ ବଙ୍ଗଳାରେ ନିର୍ବାଚନ ଲାଗି ନିର୍ବାଚନ ଅଧିକାରୀ ଇଂ.ପ୍ରମୋଦ କୁମାର ପଣ୍ଡା, ସହକାରୀ ଯନ୍ତ୍ରୀ ଇଂ.ନିରଞ୍ଜନ ସାହୁଙ୍କ ସମେତ ଅନ୍ୟାନ୍ୟ ଜଳସମ୍ପଦ କର୍ମଚାରୀ ଉପସ୍ଥିତ ଥିଲେ। ନାମାଙ୍କନ ଦାଖଲର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସନ୍ତୋଷ କୁମାର ସାହୁଙ୍କ ବ୍ୟତୀତ ଅନ୍ୟ କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିବାରୁ ନିୟମାନୁଯାୟୀ ନିର୍ବାଚନକୁ ବାତିଲ କରାଯାଇଛି। ପ୍ରକାଶ ଯେ, କିଛି ଦିନ ହେଲା ପାଣି ପଞ୍ଚାୟତ ନିର୍ବାଚନକୁ ନେଇ ସମ୍ପୃକ୍ତ ଇଲାକାରେ ୨ ଚାଷୀ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗିରହିଛି।

## ନୀଳକଣ୍ଠନଗରରେ ବିଶ୍ୱ ଆର୍ଦ୍ରଭୂମି ଦିବସ

ବ୍ରହ୍ମପୁର ଅଫିସ,୪।୨

ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର ପରିସରରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଆଲୋଚନା ଚକ୍ରରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଳାନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଧାପକ ଡ. ମଳୟ କୁମାର ମିଶ୍ର, ଡ. ମୃତ୍ୟୁଞ୍ଜୟ ଜେନା, ଡ. ଆଶୋକ କୁମାର ପାଣିଗ୍ରାହୀ, ଡ. ବ୍ରହ୍ମବିହାରୀ ପଣ୍ଡା, ଖଲ୍ଲିକୋଟ ସ୍ୱୟଂଶାସିତ ମହାବଦ୍ୟାଳୟର ଡ. ବିଜୟ କୁମାର ମହାନ୍ତି, ଡ. ମମତା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ଉପସଭାପତି ଡ. ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ମହାବିଦ୍ୟାଳୟ ଡିନ୍ ଡ. ବିବେକାନନ୍ଦ ପଣ୍ଡା, ପ୍ରାଣୀବିଜ୍ଞାନ ବିଭାଗ ପ୍ରମୁଖ ଡ. ରାଜେନ୍ଦ୍ର ମୂର୍ତ୍ତି, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆର୍ଦ୍ରଭୂମି ଦିବସ ପାଳନର ଗୁରୁତ୍ୱ ଉପରେ ମୁଖ୍ୟଅତିଥି ଆଲୋକପାତ କରିବା ସହ ପ୍ରତ୍ୟେକେ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।



ମଞ୍ଚାସୀନ ଅତିଥି ।

## ରେଳଧାରଣାରୁ ମୃତଦେହ ଉଦ୍ଧାର : ହତ୍ୟା ଅଭିଯୋଗ କଲେ ପରିବାର

ବ୍ରହ୍ମପୁର ଅଫିସ,୪।୨

ବ୍ରହ୍ମପୁର ଖୋଡାସିଂ ନିକଟ ଏଲଆଇସି କାର୍ଯ୍ୟାଳୟ ରେଳଧାରଣା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ମଙ୍ଗଳବାର ଜବତ କରିଛି। ସେ ହେଲେ ଲଡୁ ଓରଫ ଭୁବନେଶ୍ୱର ନାୟକ (୨୭)। ଲଡୁ ସ୍ଥାନୀୟ ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟରେ କମ୍ପ୍ୟୁଟର ଅପରେଟର ଭାବେ କାମ କରୁଥିଲେ। ମୃତଦେହ ଜବତ କରି ପୋଲିସ ଷ୍ଟେଶନ ମାଷ୍ଟରଙ୍କ ଅଭିଯୋଗ କ୍ରମେ ନଂ.୮/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଖବର ପାଇ ଖଲ୍ଲିକୋଟ କଲେଜ ଝାନ୍ସିରାଣୀ ଛାତ୍ରାବାସ ଜଗୁଆଳି ଭାବେ କାମ କରି ସେଠାରେ ରହୁଥିବା ଗଣପତି ନାୟକ ଓ ତାଙ୍କ ସ୍ତ୍ରୀ ରମା ଘଟଣାସ୍ଥଳରେ ପହଞ୍ଚି ପୁଅର ମୃତଦେହ ଚିହ୍ନଟ କରିଥିଲେ। ସୋମବାର ରାତି ପ୍ରାୟ ସାଢ଼େ ୯ ଟାରେ ପୁଅ ଲଡୁ ଅନ୍ନପୂର୍ଣ୍ଣା ବଜାରରେ ଥିବା ବେଳେ ସେ ଘରେ କିଛି ସମୟ ମଧ୍ୟରେ ପହଞ୍ଚିବେ ବୋଲି ଫୋନରେ ମା'ଙ୍କୁ କହିଥିଲେ। ରାତି ସାଢେ ୧୦ଟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ବାପା ଓ ମା'ଙ୍କ ଚିନ୍ତା ବଢିଥିଲା। ଗଣପତି ପୁଅର ମୋବାଇଲକୁ ଫୋନ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ପରେ ସେମାନେ ରାତି ସାରା ଖୋଜାଖୋଜି କରି ନିରାଶ ହୋଇଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ପୁଅର ମୃତଦେହ ଖୋଡାସିଂ ରେଳଧାରଣା କଡରେ ପଡିଥିବା ନେଇ ସେମାନେ ଖବର ପାଇଥିଲେ। ପୁଅକୁ କେହି ହତ୍ୟା କରି ଏଠାରେ ଫୋପାଡ଼ି ଦେଇଥିବା ନେଇ ସନ୍ଦେହ କରିବା ସହ ଥାନାରେ ଅଭିଯୋଗ ମଧ୍ୟ କରିଛନ୍ତି। ଅନ୍ୟପଟେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ଘଟଣାର ତଦନ୍ତ କରୁଛି। ପୋଲିସ ଏକ ବାଇକ୍ ଜବତ କରିଥିବା ବେଳେ ତାଙ୍କ ମୋବାଇଲ ମିଳି ନ ଥିବା ଜଣାପଡିଛି। ଜବତ ହୋଇଥିବା ବାଇକ୍‌ଟି ମୃତ ଲଡୁଙ୍କର ବୋଲି ପୋଲିସ କହିଛି। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି।

## ଋଷିକୁଲ୍ୟା ନଦୀରେ ବୁଡି ଯୁବକଙ୍କ ମୃତ୍ୟୁ

ପୁରୁଷୋତ୍ତମପୁର,୪।୨(ଡି.ଏନ.ଏ.)

ପୁରୁଷୋତ୍ତମପୁର ଥାନା ମୁକୁନ୍ଦପୁର ଗ୍ରାମରେ ମଙ୍ଗଳବାର ଋଷିକୁଲ୍ୟା ନଦୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଶ୍ୱମ୍ବର ଦାସ (୩୦)। ସେ ପୁରୁଷୋତ୍ତମପୁର ଏନ୍ଏସିରେ ପରିମଳ କାର୍ଯ୍ୟରେ ନିୟୋଜିତ ଟ୍ରାକ୍ଟରରେ ଠିକା ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସବୁଦିନ ଭଳି ବିଶ୍ୱମ୍ବର କାମ ସାରି ଗ୍ରାମକୁ ଯାଇ ନିକଟସ୍ଥ ନଦୀରେ ଗାଧୋଉଥିବା ବେଳେ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ଦମକଳ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବିଶ୍ୱମ୍ବରଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ନଂ.୨/୨୦ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ୫ ଗରିବ ଝିଅଙ୍କୁ ଆର୍ଥିକ ସହାୟତା

**ଆଇନଜୀବୀ ସତ୍ୟନାରାୟଣ ପାଢ଼ୀଙ୍କ ଶ୍ରାଦ୍ଧବାର୍ଷିକୀ**

ବ୍ରହ୍ମପୁର ଅଫିସ,୪।୨

ଗଞ୍ଜାମ ଓକିଲ ସଂଘ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପ୍ରାକ୍ତନ ଆଇନଜୀବୀ ତଥା ବ୍ରହ୍ମପୁର ମ୍ୟୁନିସିପାଲଟିର ତତ୍କାଳୀନ କାଉନ୍‌ସିଲର ସ୍ୱର୍ଗତ ସତ୍ୟନାରାୟଣ ପାଢୀଙ୍କ ୩୮ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଥିଲା। ଏଥିରେ ଗଞ୍ଜାମ ଓକିଲ ସଂଘ ସଭାପତି ରବୀନ୍ଦ୍ର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଜଜ୍ ରାମ ଶଙ୍କର ହୋତା ଯୋଗଦେଇ ପ୍ରଥମେ ସ୍ୱର୍ଗତ ପାଢ଼ୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ୫ ଗରିବ ଯୁବତୀଙ୍କୁ ବିବାହ ନିମନ୍ତେ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ନିଜ ପିତାଙ୍କ ମହତ ଉଦ୍ଦେଶ୍ୟରେ ଏହି ଆର୍ଥିକ ସହାୟତା ଓ ବିଭିନ୍ନ ଓକିଲ ସଂଘକୁ ପୁସ୍ତକ ବରିଷ୍ଟ ଆଇନଜୀବୀ ଶିଶିର ପାଢ଼ୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କବିସୂର୍ଯ୍ୟନଗର, ଶେରଗଡ, ହିଞ୍ଜିଳିକାଟୁ, ବୁଗୁଡା ଓ ସାନଖେମୁଣ୍ଡି ଓକିଲ ସଂଘ କର୍ମକର୍ତ୍ତାଙ୍କୁ ଆଇନ ସମ୍ବନ୍ଧୀୟ ପୁସ୍ତକ ଦିଆଯାଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ମାଗୁଣି ପଲାଇ, କିଶୋର ଚନ୍ଦ୍ର ବିଷୋୟୀ, ନିର୍ମଳ ସାହୁ, ସୁଧାଂଶୁ ପଣ୍ଡା ଓ ଶିଶିର ପାଢ଼ୀ ପ୍ରମୁଖ ସ୍ୱର୍ଗତ ପାଢ଼ୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ଚିତ୍ତରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ କିରଣ କୁମାର ମଣ୍ଡଳ ମଞ୍ଚାସୀନ ଥିଲେ। ଏହି ଅବସରରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଓ ଗଞ୍ଜାମ ଜିଲା ଓକିଲ ସଂଘର ବହୁ ସଦସ୍ୟ ଯୋଗ ଦେଇଥିଲେ।



ଉପସ୍ଥିତ ଅତିଥିବୃନ୍ଦ।

## ଗଣିତ ବିଭାଗର ତୃତୀୟ ଅନ୍ତର୍ଜାତୀୟ ସମ୍ମିଳନୀ

ବ୍ରହ୍ମପୁର ଅଫିସ,୪।୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଗଣିତ ବିଭାଗ ପକ୍ଷରୁ ତୃତୀୟ ଅନ୍ତର୍ଜାତୀୟ ସମ୍ମିଳନୀ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ୟୁଏସ୍ଏ ୟୁନିଭରସିଟି ଅଫ୍ ସେଣ୍ଟ୍ରାଲ ଫ୍ଲୋରିଡା ପ୍ରଫେସର ରାମନାରାୟଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ତୁର୍କୀ ଉଲୁଦାଗ ବିଶ୍ୱବିଦ୍ୟାଳୟ ପ୍ରଫେସର ଆଇ.ଏନ. କାନଗୁଲ, ନେପାଳ ତ୍ରିଭୂବନ ବିଶ୍ୱବିଦ୍ୟାଳୟ ପ୍ରଫେସର ଟି.ଏନ୍. ଧମାଲ, ମହୀଶୂର ବିଶ୍ୱବିଦ୍ୟାଳୟ ପ୍ରଫେସର ଚନ୍ଦ୍ରଶେଖର ଅଦିଗା ଯୋଗଦେଇଥିଲେ। ସାଧାରଣ ଜୀବନରେ ଗଣିତଶାସ୍ତ୍ରର ପ୍ରୟୋଗ ଓ ଆବଶ୍ୟକତା ଉପରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ । ଗଣିତ ଜୀବନର ଏକ ଅଂଶ ସ୍ୱରୂପ। ଗଣିତ କେବଳ ପାଠ୍ୟଖସଡା ମଧ୍ୟରେ ସୀମିତ ନୁହେଁ, ବରଂ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ମଧ୍ୟ ଏହାର ଆବଶ୍ୟକତା, ଉପଯୋଗିତା ରହିଥାଏ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ । ଗଣିତ ଉପରେ ଅଧିକରୁ ଅଧିକ ଗବେଷଣା, ଜ୍ଞାନ ଆହରଣ କରିବାକୁ ସେ ଆହ୍ୱାନ ଦେଇଥିଲେ । ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ଅରୁନ୍ଧତୀ ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ଡ. ପ୍ରଦ୍ଯୁମ୍ନାଭ ସାମନ୍ତ ସମ୍ମିଳନୀର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ପୂର୍ବତନ ପ୍ରଫେସର ଅକ୍ଷୟ କୁମାର ମିଶ୍ର, ପ୍ରଫେସର ନିୟତି ମିଶ୍ର, ପ୍ରଫେସର ଟି.ସି. ପଣ୍ଡା, ପ୍ରଫେସର ୟୁ.କେ. ମିଶ୍ର, ପ୍ରଫେସର ଭି. ଲୋକେଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପି.କେ. ଜେନା ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବିଭାଗ ପକ୍ଷରୁ ଆୟୋଜିତ 'ଅଗ୍ରୀମ ଗଣିତ ବ୍ୟାଖ୍ୟା ଓ ଏହାର ଉପଯୋଗିତା' ଶୀର୍ଷକ ଆଲୋଚନାଚକ୍ରରେ ନେପାଳ, ଇରାନ, ତୁର୍କୀ, ୟୁଏସ୍ଏ ସମେତ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ପ୍ରଫେସର, ଅଧାପିକା, ଅଧାପକ, ଗବେଷିକା ଗବେଷକ ଭାଗ ନେଇଥିଲେ ।




ସମ୍ମାନିତ ପୂର୍ବତନ ପ୍ରଫେସରଙ୍କ ସମେତ ଅତିଥି ।

## ସଂକ୍ଷେପରେ

### କର୍କଟମୁକ୍ତ ସମାଜ ଗଠନ ଲାଗି ଆହ୍ୱାନ

**ଫୁଲବାଣୀ ଅଫିସ, ୪।୨:** ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି । ପୂର୍ବାହ୍ନରେ ଏକ ସଚେତନତା ରାଲି ମେଡିକାଲ ପରିସରରୁ ବାହାରି ସହର ପରିକ୍ରମା କରିଥିଲା । ଏହାପରେ ବକ୍ତୃତା, ସ୍ୱାସ୍ଥ୍ୟ ବାର୍ତ୍ତା, ସ୍ୱାକ୍ଷର ଅଭିଯାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଏନ୍‌ଏମ୍ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ସଭାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କଲ୍ୟାଣୀ ମିଶ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରସନ୍ନ କୁମାର ତ୍ରିପାଠୀ, ଜିଲା ମେଡିକାଲ ଅଧୀକ୍ଷକ ଡା. ଚିନାରା ନାରାୟଣ ସୁବୁଦ୍ଧି, ଡା. ବସନ୍ତ କୁମାର ପାତ୍ର, ଜିଲା ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳକ ମନୋରଞ୍ଜନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କର୍କଟ ରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। କର୍କଟମୁକ୍ତ ସମାଜ ଗଠନ କରି ସୁସ୍ଥ ଜୀବନ ଯାପନ କରିବାକୁ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଜ୍ୟୋସ୍ନାରାଣୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଫୁଲବାଣୀ ଅଫିସ, ୪।୨:** ଫୁଲବାଣୀ ପୌର ପରିଷଦ ୧୨ ନଂ. ୱାର୍ଡର ପିଅନପଡ଼ା ଯୁବକମାନଙ୍କ ପକ୍ଷରୁ ସୋମବାର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଯୁବ ବ୍ୟବସାୟୀ ରବି ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅଶୋକ ମହାନ୍ତି ସଭା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରଥମ ମ୍ୟାଚ୍ ଫୁଲବାଣୀ ଓ ଦାରିଙ୍ଗବାଡ଼ି, ଦ୍ୱିତୀୟ ମ୍ୟାଚ୍ ହୋମ୍ ଟିମ୍ ଓ ଟୁମୁଡ଼ିବନ୍ଧ ମଧ୍ୟରେ ହୋଇଥିଲା। ଉଭୟ ମ୍ୟାଚ୍ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଥିଲା। ଟୁର୍ଣ୍ଣାମେଣ୍ଟରେ ପାତ୍ରପୁର, ଅଡ଼ବା, ଗୋଳାବନ୍ଧ, ରାଇକିଆ, ମୋହନା, ପାୱାର-୬, ଭଞ୍ଜନଗର, କନ୍ଧମାଳ-୬ ଆଦି ଦଳ ଭାଗ ନେଇଛନ୍ତି। ବୁଧବାର ପ୍ରଥମ ସେମିଫାଇନାଲ୍ ଏବଂ ୮ ତାରିଖରେ ଦ୍ୱିତୀୟ ସେମିଫାଇନାଲ୍ ଅନୁଷ୍ଠିତ ହେବ। ୯ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ।

### ନୂତନ ବିଚାରପତିଙ୍କ ଯୋଗଦାନ

**ବାଲିଗୁଡା,୪।୨.(ଡି.ଏନ୍.ଏ.):** ବାଲିଗୁଡା କୋର୍ଟରେ ଏସ୍‌ଡିଜେଏମ ଭାବେ ଚିନ୍ମୟୀ ଜେନା ଯୋଗ ଦେଇଛନ୍ତି। ଆସିକାରୁ ବଦଳି ହୋଇ ସେ ଏଠାକୁ ଆସିଛନ୍ତି। ବାଲିଗୁଡା ଓକିଲ ସଂଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରକାଶ ଯେ, ଏଠାରେ ଥିବା ଏସଡିଜେଏମ ସୌମ୍ୟରୂପ ସାହୁଙ୍କର ବାରିପଦା ବଦଳି ହୋଇଥିଲା। ଅତିରିକ୍ତ ଜିଲା ଦୌରାଜଜ ଶୁଭଦର୍ଶୀ ପଟ୍ଟନାୟକ, ଜେଏମ୍‌ଏସ୍‌ସି ଶୀତଲ ବର୍ଷାଙ୍କ ସମେତ ସଂଘ ସଭାପତି କୌଶିକ ସାହୁ ପ୍ରମୁଖଙ୍କ ଉପସ୍ଥିତରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ସଂଘର ସମ୍ପାଦକ ସୁରେଶ ପଟ୍ଟନାୟକ, ପଦ୍ମ ଚରଣ ପଟ୍ଟନାୟକ, ପଦ୍ମ ଚରଣ ପଣ୍ଡା, ଭାଗିରଥୀ ରାଉତରାୟ, ସୁଧାଂଶୁ ମୋହନ ପତି, ସେକ୍ ସାଦିକ, ପ୍ରଦୀପ ପାଣିଗ୍ରାହୀ, କ୍ଷମା ସାଗର ପ୍ରଧାନ ପ୍ରମୁଖ ସମ୍ବର୍ଦ୍ଧନା ଜଣାଇଥିଲେ।

# ବିନା ଟଙ୍କାରେ ନିଯୁକ୍ତି ଦେଉନି ସିକ୍ୟୁରିଟି ସଂସ୍ଥା

**ଫୁଲବାଣୀ ଅଫିସ, ୪।୨**

## କାର୍ଯ୍ୟରତଙ୍କୁ ୧୫ ହଜାର, ନୂତନଙ୍କୁ ମଗାଯାଉଛି ୨୫ ହଜାର ଟଙ୍କା

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ସିକ୍ୟୁରିଟି ଗାର୍ଡ ମୁତୟନ ନେଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି । ଟେଣ୍ଡର ପାଇଥିବା ଏଲ ଆଣ୍ଡ କେ ସଂସ୍ଥା ଏବେ ନିଯୁକ୍ତି ନେଇ ଯୁବତୀଯୁବକଙ୍କଠାରୁ ଅର୍ଥ ଦାବି କରୁଛି । ଜିଲା ମୁଖ୍ୟ ଚିକିତ୍ସାଳୟରେ ମୁତୟନ ଥିବା ପାଖାପାଖି ୨୪ ଜଣ ସିକ୍ୟୁରିଟି ଗାର୍ଡଙ୍କୁ ନୂତନ ନିଯୁକ୍ତି ପାଇଁ ୧୫ ହଜାର ଲେଖାଏ ଟଙ୍କା ସଂସ୍ଥା ଦାବି କରୁଛି । ଏଥିସହ ଅଭିଜ୍ଞତା ପ୍ରମାଣପତ୍ର ମଗାଯାଉଛି । ଏହା ନ ଦେଲେ ନିଯୁକ୍ତି ମିଳିବ ନାହିଁ, ଅନ୍ୟ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦିଆଯିବ ବୋଲି କୁହାଯାଉଛି। ଏଥିରେ ମେଡିକାଲରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡମାନେ ମାନସିକ ଭାବେ ନିର୍ଯାତିତ ହେଉଛନ୍ତି। ଏ ନେଇ ସେମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଆଗରେ ଫେରାଦ ହେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସେହିପରି ୪୦ରୁ ଊର୍ଦ୍ଧ୍ୱ ନୂତନ ସିକ୍ୟୁରିଟି ଗାର୍ଡ ନିଯୁକ୍ତି ପାଇଁ ସଂସ୍ଥାର କର୍ମକର୍ତ୍ତା ସ୍ଥାନୀୟ କେତେଜଣ ମଧ୍ୟସ୍ଥିଙ୍କ ଜରିଆରେ ସିଧାସଳଖ ଜଣକ ପିଚ୍ଛା ୨୫ରୁ ୩୦ ହଜାର ଟଙ୍କା ଦାବି କରୁଛନ୍ତି। ଏଥିସହ ନିଯୁକ୍ତି ପାଇଁ ଭୁବନେଶ୍ୱର ଯିବାକୁ ପଡିବ ବୋଲି କୁହାଯାଉଛି । କିଛି ପିଲା ସେଠାକୁ ଯାଇ ୨୫ ହଜାର ଲେଖାଏ ଟଙ୍କା ଦେଇଥିବା ପ୍ରମାଣ ହସ୍ତଗତ ହୋଇଛି। ଏହାକୁ ନେଇ ଏବେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ କନ୍ଧମାଳରେ ସଂସ୍ଥା ନିଜସ୍ୱ କାର୍ଯ୍ୟାଳୟ ଖୋଲି ନ ଥିବାରୁ ଆଶାୟୀଙ୍କ ପାଖରୁ ଅର୍ଥ ଶୋଷଣ କରିବାକୁ ପଥ ପରିଷ୍କାର ହୋଇଛି।

ନିୟମ ଅନୁସାରେ ଯେଭଳି ସଂସ୍ଥା ନିଯୁକ୍ତି ଦେବା କଥା ତାହା ଏଠାରେ ହେଉନାହିଁ। ସଂସ୍ଥାର ନିଜସ୍ୱ କାର୍ଯ୍ୟାଳୟ ନାହିଁ କି ନିଯୁକ୍ତି ପାଇଁ କେଉଁଥିରେ ବିଜ୍ଞାପନ ପ୍ରକାଶ କରିନାହିଁ। ଯେହେତୁ ଏହା ବର୍ଷକୁ ପାଖାପାଖି ୮୦ ଲକ୍ଷ ଟଙ୍କାର ବ୍ୟବସାୟ, ଏଥିରେ ନିଯୁକ୍ତି ଲାଗି ସ୍ୱଚ୍ଛତା ଏବଂ ବିଜ୍ଞାପନ ପ୍ରକାଶ ପାଇବା ନିହାତି ଆବଶ୍ୟକ। ବିଗତ ଦିନରେ ହାଉସକିପିଂ ସଂସ୍ଥାରେ ନିଯୁକ୍ତିକୁ ନେଇ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା । ଯାହାର ତଦନ୍ତ ଏ ଯାଏ ଚାଲିଛି । ଏ ନେଇ ଏଲ ଆଣ୍ଡ କେ ସିକ୍ୟୁରିଟି ସଂସ୍ଥା ମ୍ୟାନେଜର ଅମୂଲ୍ୟ ସାହୁଙ୍କୁ ପଚାରିବାରୁ, କାହାକୁ ଟଙ୍କା ମଗାଯାଉନି। ଡ୍ରେସ ଏବଂ ଅନ୍ୟ ସାମଗ୍ରୀ ପାଇଁ କିଛି ଟଙ୍କା ନିଆଯାଏ ବୋଲି କହିଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ କହିଛନ୍ତି, ଯେଉଁମାନଙ୍କୁ ଟଙ୍କା ମଗାଯାଉଛି ସେମାନେ ଲିଖିତ ଭାବେ ଜଣାଇଲେ ଟେଣ୍ଡର ପ୍ରତ୍ୟାହାର ପାଇଁ ପଦକ୍ଷେପ ନିଆଯିବ । ସୂଚନାଯୋଗ୍ୟ, କେତେଜଣ ନିଯୁକ୍ତି ଆଶାୟୀ ସେମାନଙ୍କ ନାମ ଗୋପନ ରଖି କହିଛନ୍ତି ଯେ, ସେମାନଙ୍କୁ ଭୁବନେଶ୍ୱର ଡକାଯାଇଥିଲା। ସେଠାରେ ଏକ ଷ୍ଟାମ୍ପ ପେପରରେ ଦସ୍ତଖତ କରିବା ପାଇଁ କୁହାଗଲା । ପରେ ୨୫ ହଜାର ଟଙ୍କା ନିଆଯାଇଛି। ପ୍ରାୟ ୬ ଜଣ ଟଙ୍କା ଦେଇ ସାରିଥିବା ବେଳେ ଚାକିରି ମିଳିବ କି ନାହିଁ ସନ୍ଦେହରେ ରହିଥିବା କହିଛନ୍ତି। ସେମାନଙ୍କୁ କୌଣସି ପ୍ରମାଣପତ୍ର ମିଳି ନ ଥିବା କହିଛନ୍ତି।

# ବେଲଘର ବନାଞ୍ଚଳ କାର୍ଯ୍ୟାଳୟ ଘେରିଲେ ଦୁଇ ପଞ୍ଚାୟତବାସୀ


ବନାଞ୍ଚଳ କାର୍ଯ୍ୟାଳୟ ଘେରାଉ କରାଯାଇଛି।

**ଟୁମୁଡ଼ିବନ୍ଧ,୪।୨ (ଡି.ଏନ୍.ଏ)**

ବେଲଘର ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ବେଲଘର ଓ ବିଲାମାଳ ପଞ୍ଚାୟତବାସୀ ମଙ୍ଗଳବାର ବନାଞ୍ଚଳ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ବନାଞ୍ଚଳ ଅଧିକାରୀ ମନୋରଞ୍ଜନ ବାଘଙ୍କୁ ସେମାନେ ପ୍ରାୟ ୨ ଘଣ୍ଟା ଅଟକ ରଖିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଓ ବ୍ଲକ ପ୍ରଶାସନ ପହଞ୍ଚି ବୁଝାଶୁଝା କରିବା ପରେ ବନାଞ୍ଚଳ ଅଧିକାରୀଙ୍କୁ ସେମାନେ ଛାଡ଼ିଥିଲେ। ବେଲଘର ଅଞ୍ଚଳର ବନ କର୍ମଚାରୀମାନେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାରେ ହଇରାଣ ହରକତ କରି ଆସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଥିଲେ। ମଙ୍ଗଳବାର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ବେଲଘର ଗସ୍ତରେ ଆସିଥିବା ବେଳେ କାଠବଙ୍ଗଳା ଖୋଲିବାରେ ବିଳମ୍ବ କରାଯିବାରୁ ଲୋକଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷରୁ ଉତ୍ତେଜନା ପ୍ରକାଶ ପାଇଥିଲା । ବେଲଘର ଓ ବିଲାମାଳ ପଞ୍ଚାୟତର ଶତାଧିକ ମହିଳା, ପୁରୁଷ ବନାଞ୍ଚଳ କାର୍ଯାଳୟରେ ପହଞ୍ଚି ହୋହଲ୍ଲା କରିବା ସହ କାର୍ଯ୍ୟାଳୟ ଭିତରେ ବନାଞ୍ଚଳ ଅଧିକାରୀଙ୍କୁ ରଖି ବାହାରୁ ତାଲା ପକାଇବା ସହ ତାଙ୍କ ବଦଳି ଦାବି ନେଇ ଧାରଣାରେ ବସିଥିଲେ। ପ୍ରାୟ ୨ଘଣ୍ଟା ପରେ ଖବରପାଇ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ । ମାତ୍ର ଅଞ୍ଚଳବାସୀ ବନ ବିଭାଗ ଅଧିକାରୀ ଏବଂ ଫରେଷ୍ଟର ଗିରିଶ ଚନ୍ଦ୍ର ସାହୁଙ୍କୁ ତୁରନ୍ତ ବଦଳି ପାଇଁ ଜିଦ କରିଥିଲେ । ପରେ ଟୁମୁଡ଼ିବନ୍ଧ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ଟୁମୁଡ଼ିବନ୍ଧ ବିଜେଡି ବ୍ଲକ ସଭାପତି ପ୍ରମୋଦ କୁମାର ସାହୁ, ବିଧାୟକ ପ୍ରତିନିଧି ଶ୍ୟାମ ସୁନ୍ଦର ବଡସେଠ ପ୍ରମୁଖ ଉପରିସ୍ଥ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ବନାଞ୍ଚଳ ଅଧିକାରୀ ଓ ଫରେଷ୍ଟରଙ୍କ ଅନ୍ୟତ୍ର ବଦଳ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ପରମ୍ପରାକୁ ପୁନର୍ଜୀବିତ କରିବା ଉତ୍ସବର ଲକ୍ଷ୍ୟ


କଳାକାରଙ୍କୁ ମନ୍ତ୍ରୀ ଜଗନ୍ନାଥ ସାରକା ସମ୍ବର୍ଦ୍ଧିତ କରୁଛନ୍ତି।

**ଫୁଲବାଣୀ ଅଫିସ, ୪।୨**

## କନ୍ଧମାଳ ମହୋତ୍ସବ ତୃତୀୟ ସନ୍ଧ୍ୟା

ଆମ ସଂସ୍କୃତି, ପରମ୍ପରାର ଅନନ୍ୟ ନିଦର୍ଶନ ହେଉଛି ଉତ୍ସବ । ଏହା କେଉଁ ଆବାହନ କାଳରୁ ଚାଲିଆସୁଛି। ବର୍ଷରେ ଥରେ ଆମ ସମସ୍ତଙ୍କୁ ବାନ୍ଧି ରଖୁଛି। ସମସ୍ତଙ୍କୁ ଏକତ୍ରିତ କରୁଛି। କନ୍ଧମାଳ ଜିଲାର ଲୁକ୍କାୟିତ ପ୍ରତିଭା ଏହି ମଞ୍ଚରେ ଆବିଷ୍କୃତ ହେଉଛନ୍ତି। ଆମ ପରମ୍ପରାଗତ ନୃତ୍ୟ, ଗୀତକୁ ପୁନର୍ଜୀବିତ କରିବା ଉତ୍ସବର ଲକ୍ଷ୍ୟ । ଆମେ ଅଧିକ ଶିଖିଲେ ଜାଣିବା, ଜାଣିଲେ ଜିଣିବା ବୋଲି କନ୍ଧମାଳ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ଜଣେ ଶିକ୍ଷକଙ୍କୁ ଏବଂ ବାଲ୍ୟ ବିବାହ ରୋକିବାକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଆଇଏଏସ୍ ପ୍ରୋବେସନର ଡା. ଶୁଭଙ୍କର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସନ୍ଧ୍ୟାରେ କନ୍ଧମାଳର ଲୋକନୃତ୍ୟ ସମସ୍ତଙ୍କ ମନ ମୋହିଥିଲା । ସିନେ ତାରକାଙ୍କୁ ନେଇ କାର୍ଯ୍ୟକ୍ରମ ଥିବାରୁ ତୃତୀୟ ସନ୍ଧ୍ୟାରେ ଅଧିକ ଗହଳି ହୋଇଥିଲା। ହଜାର ହଜାର ସଂଖ୍ୟାରେ ଲୋକେ ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଭିଡ ଜମାଇଥିଲେ। ଷ୍ଟଲରେ ମଧ୍ୟ ପ୍ରବଳ ଜନଗହଳି ହୋଇଥିଲା। ପଡ଼ିଆ ଭିତରେ ଷ୍ଟଲକୁ ଛାଡି ବହୁ ଉଠା ଦେକାନୀଙ୍କୁ ମଧ୍ୟ ବ୍ୟବସାୟ ପାଇଁ ସ୍ଥାନ ଦିଆଯାଇଛି । ଏଥିପାଇଁ ଅଧିକ ଟଙ୍କା ନିଆଯାଇଛି ବୋଲି ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ, ବିଡିଓ ସୁବ୍ରତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ଅସହାୟା ବୃଦ୍ଧାଙ୍କୁ ଟିମ୍ ହ୍ୟୁମାନିଟିର ସହାୟତା

**ଫୁଲବାଣୀ ଅଫିସ, ୪।୨**

ସ୍ୱେଚ୍ଛାସେବୀ ସଙ୍ଗଠନ ଟିମ୍ ହ୍ୟୁମାନିଟି ସଦସ୍ୟମାନେ ପୁଣି ଏକ ସାମାଜିକ କାର୍ଯ୍ୟ କରିଛନ୍ତି। ଫୁଲବାଣୀ ପୌର ପରିଷଦ ୧୨ ନଂ. ୱାର୍ଡ଼ କାଳୀମନ୍ଦିର ପାଖ ପୋଖରୀ ନିକଟରେ ସୋମବାର ଜଣେ ଅସହାୟା ବୃଦ୍ଧା ପଡ଼ି ରହିଥିବା ଟିମ୍‌ର ଆବାହକ ଲୋକନାଥ ରାଜୁ ଖବର ପାଇଥିଲେ। ଆବାହକଙ୍କ ସମେତ ଟିମ୍ ସଦସ୍ୟ ଅମର ପାତ୍ର, ବିକାଶ ନାୟକ ଓ ଅନ୍ୟମାନେ ପହଞ୍ଚି ବୃଦ୍ଧାଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନାକୁ ନେଇଥିଲେ। ମହିଳା ଜଣକ ନିଜକୁ ଗୋପାଳ ସାହିର ସରସ୍ୱତୀ ନାୟକ ବୋଲି କହିଛନ୍ତି।

### ବିଧାନସଭା ଗୃହ କମିଟିର ସମୀକ୍ଷା

**ଫୁଲବାଣୀ ଅଫିସ, ୪।୨**

ବିଧାନସଭାର ଗୃହ କମିଟିର ଦୁଇ ଜଣିଆ ସଦସ୍ୟ ସୋମବାର ଫୁଲବାଣୀ ଆସିଥିଲେ। କମିଟି ଅଧ୍ୟକ୍ଷ ଭୂପିନ୍ଦର ସିଂ ଓ ସଦସ୍ୟ ପ୍ରକାଶ ଚନ୍ଦ୍ର ମାଝି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାର ପ୍ରାଥମିକ, ଉଚ୍ଚ ପ୍ରାଥମିକ, କ୍ରୀଡା, ଏସିସଏସ୍‌ଟି ବିଭାଗ ଆଦି ବିଭାଗୀୟ ଅଧିକାରୀ, ଜିଲା ଶିକ୍ଷାଧିକାରୀ, କଲେଜ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ। ତେବେ କ'ଣ ଆଲୋଚନା ହେଲା ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ।

# ମନ୍ତ୍ରୀଙ୍କ ଦ୍ୱାରା ଦୁଇ ପ୍ରକଳ୍ପ ଉଦ୍‌ଘାଟିତ

**ଟୁମୁଡ଼ିବନ୍ଧ,୪।୨(ଡି.ଏନ୍.ଏ.)**

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ମଙ୍ଗଳବାର ଟୁମୁଡ଼ିବନ୍ଧ ବ୍ଲକ ବେଲଘର ଏବଂ ବିଲାମାଳ ପଞ୍ଚାୟତ ଗସ୍ତ କରି ପୃଥକ ଦୁଇଟି ପ୍ରକଳ୍ପ ଉଦଘାଟନ କରଛନ୍ତି। ବେଲଘର କେ.କେ.ଡି.ଏ ଅଧୀନରେ ନିର୍ମିତ ଓପିଲିପି ପ୍ରକଳ୍ପ କୋଠା ଏବଂ ବିଲାମାଳରେ ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମିତ ଗୋଷ୍ଠୀକେନ୍ଦ୍ରକୁ ଉଦଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଟୁମୁଡ଼ିବନ୍ଧ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ଟୁମୁଡ଼ିବନ୍ଧ ବ୍ଲକ ବିଜେଡି ସଭାପତି ପ୍ରମୋଦ କୁମାର ସାହୁ, ପୂର୍ବତନ ବାଲିଗୁଡ଼ା ବିଧାୟକ ରାଜୀବ ପାତ୍ର ଓ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ। ପ୍ରଶାସନିକସ୍ତରରେ ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇ.ଟି.ଡି.ଏ)ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର କୁମାର ରଣଜିତ, କେ.କେ.ଡି.ଏ ସ୍ୱତନ୍ତ୍ର ଅଧିକାରୀ ରେଣୁଧର ନାୟକ, ଟୁମୁଡ଼ିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଗସ୍ତି ପ୍ରଧାନ ଉପସ୍ଥିତ ଥିଲେ।

# ମଧ୍ୟାହ୍ନଭୋଜନ ଚାଉଳରେ ମୂଷାଲଣ୍ଡି

**ଦାରିଙ୍ଗବାଡ଼ି,୪।୨(ଡି.ଏନ.ଏ.)**


ବିଦ୍ୟାଳୟର ଅଫିସଗୃହରେ ଏଣେତେଣେ ପଡିଥିବା ଚାଉଳରେ ମୂଷାଲଣ୍ଡି।

ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ହାଇସ୍କୁଲରେ ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମାତ୍ର ସର୍ବଶିକ୍ଷା ଅଭିଯାନ ପକ୍ଷରୁ କେବଳ ଅଷ୍ଟମର ୧୫୦ ଜଣ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଥିବାବେଳେ ହଷ୍ଟେଲରେ ୧୦୦ ଛାତ୍ରୀଙ୍କୁ ନିୟମ ପ୍ରକାରେ ଖାଇବା ମିଳୁଛି। ଏଥିସହ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟପରୀକ୍ଷା ସହ ସାମାଜିକ ସୁରକ୍ଷା ଦାୟିତ୍ୱକୁ ସରକାର ଗୁରୁତ୍ୱ ଦେଇଛନ୍ତି। ତେବେ କିଛି କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଏଥିରେ ବିଭ୍ରାଟ ଦେଖାଦେଉଛି।

ଏହି ବିଦ୍ୟାଳୟରେ ଚାଉଳ ସମେତ ପନିପରିବା ଆଦି ସୁରକ୍ଷିତ ସ୍ଥାନରେ ରଖାଯାଉନାହିଁ। ଅଫିସ ଗୃହ ମଧ୍ୟରେ ଚଟାଣରେ ଦୂଷିତ ପରିବେଶରେ ରଖାଯାଉଥିବାବେଳେ ଚାଉଳବସ୍ତା ଗୁଡିକ ଫୁଟି ତଳେ ଗଦା ହୋଇଛି। ମୂଷା ଚାଉଳ ସହ ପନିପରିବା, ଆଳୁ ଆଦି ଖାଇ ଖଣ୍ଡିଆ କରିଦେଇଛନ୍ତି। ଏହାକୁ ରାନ୍ଧି ଛାତ୍ରୀଛାତ୍ରଙ୍କୁ ଦିଆଯାଉଛି। 'କରୋନା' ନେଇ ଜିଲାପ୍ରଶାସନ ସଚେତନ କରୁଥିବାବେଳେ ଦୁର୍ଗମ ଅଞ୍ଚଳ ଗଦାପୁର ହାଇସ୍କୁଲରେ ଏପରି ନିମ୍ନମାନର ଖାଦ୍ୟ ଦିଆଯାଉଥିବାରୁ ଅସନ୍ତୋଷ ଦେଖା ଦେଇଛି।

## ଗଦାପୁର ହାଇସ୍କୁଲ

ଏନେଇ ପ୍ରଧାନ ଶିକ୍ଷକ ପ୍ରଭାକର ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ସହ ଗୋଦାମ ଗୃହ ନାହିଁ। ବାଧ୍ୟ ହୋଇ ଚାଉଳ ଏବଂ ପନିପରିବା ନିଜ କାର୍ଯ୍ୟାଳୟ ଭିତରେ ରଖୁଛି। ଏନେଇ ସେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସମେତ ପ୍ରଶାସନ ଏବଂ ଜିଲା ପ୍ରଶାସନକୁ ବହୁବାର ଜଣାଇସାରିଛି। ମାତ୍ର ସୁଫଳ ମିଳୁନାହିଁ ବୋଲି କହିଥିଲେ। ଶୀଘ୍ର ଏହାକୁ ସେ ସଫେଇ କରିଦେବେ ବୋଲି କହିଥିଲେ।

ଏନେଇ ଦାରିଙ୍ଗବାଡ଼ି ବିଇଓ ବ୍ରହ୍ମାନନ୍ଦ ରାଉତ କହିଛନ୍ତ ଯେ, ବିଭିନ୍ନ ବିଦ୍ୟାଳୟରେ ଗୋଦାମ ଗୃହର ଅଭାବ ରହିଛି। ତେଣୁ କାର୍ଯ୍ୟାଳୟ ଭିତରେ ଚାଉଳ ରଖାଯାଉଛି। କିନ୍ତୁ ତାକୁ ସୁରକ୍ଷିତ ଭାବେ ରଖାଯାଉ ନ ଥିଲେ ତଦନ୍ତ କରି ଖିଲାପକାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବ।

# ସଞ୍ଚ ସ୍ୱାଭିମାନ ଉତ୍ସବ

**ବାଲିଗୁଡା,୪।୧.(ଡି,ଏନ.ଏ.)**

ବାଲିଗୁଡ଼ା ସ୍ଥିତ ଏକଲ ଅଭିଯାନ ଆନୁକୂଲ୍ୟରେ ଶିକ୍ଷାନିକେତନ ପରିସର ମଧ୍ୟରେ "ସଞ୍ଚ ସ୍ୱାଭିମାନ ଉତ୍ସବ" ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାଗିରଥି ସାହୁ, ମୁଖ୍ୟବକ୍ତା କବି ସୌରଭ କୈଳାଶଚନ୍ଦ୍ର ବେହେରା, ସଭାପତି ଭାବେ ରାଜକିଶୋର ପାଢ଼ୀ, ସମ୍ମାନିତ ଅତିଥି ଉପେନ୍ଦ୍ର ବିଷୋୟୀ, ବିରୂପାକ୍ଷ କହଁର, ସୁଦାମ ସାହୁ, ଚୌଧୁରୀ ମହାନ୍ତ, ରଞ୍ଜିତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଆଚାର୍ଯ୍ୟ, ଆଚାର୍ଯ୍ୟା ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ମୁଖ୍ୟବକ୍ତା ଆତ୍ମିକ ଶିକ୍ଷା ଉପରେ ଆଲୋକପାତ କରି ବିଜେତା ଆଚାର୍ଯ୍ୟ ଏବଂ ଆଚାର୍ଯ୍ୟାଙ୍କୁ ନିଜର ପ୍ରକାଶିତ ଗଳ୍ପ ସଙ୍କଳନ 'ଅଭିନବ ସୃଷ୍ଟି :ଏକ ଗପ ଗଣ୍ଠିଲିର' ସ୍ୱତନ୍ତ୍ର ପୁରସ୍କାର ଭାବେ ପ୍ରଦାନ କରିଥିଲେ।


ମଞ୍ଚାସୀନ ଅତିଥି।

# ୧୨ମାସ ଯାଆଁଳ ବିକ୍ରି ଲକ୍ଷ୍ୟ, ବିନିଯୋଗ ହେବ ୩ କୋଟି

**ଭଞ୍ଜନଗର,୪।୨(ଡି.ଏନ.ଏ.)**

## ଭଞ୍ଜନଗର ମତ୍ସ୍ୟ ଯାଆଁଳ କେନ୍ଦ୍ରର ବିକାଶ ଯୋଜନା

- ଜଳସମ୍ପଦ, ମତ୍ସ୍ୟ ବିଭାଗର ମିଳିତ ସମୀକ୍ଷା


ବିଭାଗୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଭଞ୍ଜନଗର ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ମଙ୍ଗଳବାର ଜଳସମ୍ପଦ ଓ ମତ୍ସ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଯାଆଁଳ କେନ୍ଦ୍ର ପରିଦର୍ଶନ କରି ଏହାର ବିକାଶ କିଭଳି ହୋଇପାରିବ ସେନେଇ ସମୀକ୍ଷା କରିଛନ୍ତି। ଏହି ସମୟରେ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଯଶୱନ୍ତ ପରିଡ଼ା, ଅଧୀକ୍ଷଣଯନ୍ତ୍ରୀ ଲଡ୍ଡୁ କିଶୋର ସାବତ, ନିର୍ବାହୀଯନ୍ତ୍ରୀ ନିହାର ରଞ୍ଜନ ସାମନ୍ତରାୟ, ସହକାରୀ ନିର୍ବାହୀଯନ୍ତ୍ରୀ ସୁମା ପ୍ରଧାନ, ବାଘଲଟି ନିର୍ବାହୀଯନ୍ତ୍ରୀ ସଞ୍ଜୀବ ଦାସଶର୍ମା, ଓଡ଼ିଶା ମତ୍ସ୍ୟ ଚାଷ ଉନ୍ନୟନ ନିଗମର ସାଧାରଣ ପରିଚାଳକ ହେମନ୍ତ କୁମାର ଦାସ, ଭଞ୍ଜନଗର କେନ୍ଦ୍ର ପରିଚାଳକ ସରିଫ୍ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ଭଞ୍ଜନଗର ଜଳଭଣ୍ଡାର ଉପରେ ଯାଆଁଳ କେନ୍ଦ୍ରର ଭବିଷ୍ୟତ ନିର୍ଭରଶୀଳ। ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ୨୦ଟି ନୂଆ ପୋଖରୀ ନିର୍ମାଣ ହେଉଛି। ୫ଟି ପୋଖରୀର ପୁନରୁଦ୍ଧାର ହେଉଛି। ଏଥିସହ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ଚାଲିଛି। ତେଣୁ ପୂର୍ବ ଅପେକ୍ଷା ଯାଆଁଳ ଉତ୍ପାଦନ କେନ୍ଦ୍ରକୁ ଅଧିକ ପାଣିର ଆବଶ୍ୟକତା ରହିଛି। ପାଣି କିଭଳି ନିୟମିତ ସୁବିଧାରେ ଆସିପାରିବ ସେନେଇ ଦୁଇ ବିଭାଗର ଅଧିକାରୀ ଆଲୋଚନା କରିଥିଲେ। କାମ ସରିବା ପରେ ଯାଆଁଳ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ୧୩ କୋଟି ଗୁଣ୍ଡ ଯାଆଁଳ ଉତ୍ପାଦନ କରାଯାଉଥିବାବେଳେ ଆଗାମୀ ଦିନରେ ୨୫ କୋଟି ଗୁଣ୍ଡ ଯାଆଁଳ ଉତ୍ପାଦନ ଯୋଜନା ଅଛି। ବର୍ତ୍ତମାନ ଯାଆଁଳ କେନ୍ଦ୍ରରେ ସୋଲାର ଲାଇଟ୍ ବ୍ୟବସ୍ଥା କରାଯାଇଛି। ଆହୁରି ଅଧିକ ସୋଲାର ଲାଇଟ ଲଗାଯିବ। ଯାଆଁଳ କେନ୍ଦ୍ର ପରିସରରେ ବିହନ ଓ ଔଷଧ ବିକ୍ରି କରାଯିବ। ମତ୍ସ୍ୟ ଚାଷୀ ଓ ବ୍ୟବସାୟୀଙ୍କ ସୁବିଧା ପାଇଁ ଏଠାରେ ଗୋଟିଏ ବରଫ ପ୍ରସ୍ତୁତ କାରଖାନା କରାଯିବ। ଏହାହେଲେ ଲୋକେ ସୁଲଭ ଦରରେ ବରଫ ଖଣ୍ଡ ପାଇପାରିବେ। ଏଥିସହ ମାଛ ଖାଦ୍ୟ ପ୍ରସ୍ତୁତ କାରଖାନା ମଧ୍ୟ ହେବ। କମ୍ ପାଣିରେ ଅଧିକ ମାଛ କିଭଳି ଯାଆଁଳ କେନ୍ଦ୍ରରେ ଉତ୍ପାଦନ ହୋଇପାରିବ, ୧୨ ମାସ ଚାଷୀଙ୍କୁ ଯାଆଁଳ କିଭଳି ବିକ୍ରି କରାଯିବ ସେନେଇ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଛି। ଆଗାମୀ ଦିନରେ ହେବାକୁ ଥିବା ପ୍ରକଳ୍ପ ଗୁଡ଼ିକୁ ପୂର୍ଣ୍ଣାଙ୍ଗ କରିବାକୁ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବ। ସେଥିମଧ୍ୟରୁ କିଛି ଅର୍ଥ ଆସିଗଲାଣି। ଟେଣ୍ଡର ହେବାପରେ କାର୍ଯ୍ୟ ଆରମ୍ଭ ହେବ।

ପ୍ରକାଶ ଯେ, ୧୯୮୫ରେ ୪୩ ହେକ୍ଟର ଜମିରେ ଭଞ୍ଜନଗର ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ୪୨ ପୋଖରୀରେ ଯାଆଁଳ ପ୍ରସ୍ତୁତ ହେଉଥିଲା। ଯାଆଁଳ କେନ୍ଦ୍ରର ଲକ୍ଷ୍ୟ ଥିଲା ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଆଁଳ ପଠାଇବା। ଏହି ଯାଆଁଳ କେନ୍ଦ୍ର ଲାଭରେ ଚାଲୁଥିଲେ ମଧ୍ୟ କର୍ମଚାରୀମାନଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। କର୍ମଚାରୀମାନେ କମ୍ ଦରମାରେ କାମ କରୁଛନ୍ତି। ସେଥିମଧ୍ୟରୁ କିଛି କର୍ମଚାରୀ ଇତିମଧ୍ୟରେ ଅବସର ନେବେ। ତଥାପି ସେମାନଙ୍କ ଚାକିରି ନିୟମିତ ହୋଇପାରୁନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ଦାବି ହୋଇଛି। ଏଥିସହ ସୁରକ୍ଷା ଦୃଷ୍ଟିରୁ କେନ୍ଦ୍ରର ଚାରିପଟେ ପାଚେରି ନିର୍ମାଣ ଆବଶ୍ୟକତା ରହିଛି।

## ସଂକ୍ଷେପରେ

### ଚବିଶ ପ୍ରହର ନାମଯଜ୍ଞ

**ଛତ୍ରପୁର,୪।୨(ଡି.ଏନ.ଏ):** ଛତ୍ରପୁର ପୁଡିଗୋପାଳପୁରସ୍ଥିତ ହନୁମାନଙ୍କ ବିଗ୍ରହ ନିକଟରେ ସୋମବାରଠାରୁ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ବାବାଜୀ ଲକ୍ଷ୍ମୀନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଅଖଣ୍ଡ ନାମଯଜ୍ଞ ଚାଲିଛି । ଏଠାକୁ ବହୁ ଭକ୍ତ ଆସୁଥିବା ଦେଖିବାକୁ ମିଳିଛି । ଗୁରୁବାର ନାମଯଜ୍ଞ ବିଶ୍ରାମ, ଜମୁନା ସ୍ନାନ ଓ ନଗର କୀର୍ତ୍ତନ ଅନୁଷ୍ଠିତ ହେବ ।

### ହଳଦିଆପଦର ଓଭରବ୍ରିଜ୍ ନିର୍ମାଣରେ ତ୍ରୁଟି ଅଭିଯୋଗ
### ସିବିଆଇ ତଦନ୍ତ ଦାବି କଲେ ଅଞ୍ଚଳବାସୀ

**କନିଷ,୪।୨(ଡି.ଏନ.ଏ.):** ହଳଦିଆପଦର ଓଭରବ୍ରିଜ ନିର୍ମାଣରେ ତ୍ରୁଟି ଥିବାରୁ ଏଠାରେ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ବହୁ ଲୋକଙ୍କ ମୃତ୍ୟୁ ଘଟୁଛି। କେତେକ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ଚାପରେ ଓଭରବ୍ରିଜର ମୂଳ ନକ୍ସାକୁ ବଦଳାଯାଇ ୨୦୧୪ରେ ଭୁଲ ନକ୍ସାରେ ଓଭରବ୍ରିଜ୍ ତିଆରି ହୋଇଥିଲା। ତେଣୁ ୨୦୧୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦୁର୍ଘଟଣାରେ ଅଞ୍ଚଳର ପ୍ରାୟ ୯୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦୦ରୁ ଉର୍ଦ୍ଧ୍ୱ ଲୋକ ଦିବ୍ୟାଙ୍ଗ ହୋଇଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଉକ୍ତ ଓଭରବ୍ରିଜ ପାଖରେ କେତେକ ବରିଷ୍ଠ ରାଜନେତା ଓ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଜମି ରହିଛି। ସେହି ଜମି ଉପର ଦେଇ ଓଭରବ୍ରିଜ ଯାଇଥାନ୍ତା। ମାତ୍ର ଜମି ନଷ୍ଟ ହୋଇଯିବ ବୋଲି କହିବାରୁ ତାହାର ନକ୍ସାକୁ ବଦଳାଯାଇଥିଲା। ଭୁଲ୍ ନକ୍ସାରେ ଓଭରବ୍ରିଜ୍ ତିଆରି ହୋଇଥିବାରୁ ଦୁର୍ଘଟଣା ଘଟି ଲୋକଙ୍କ ପ୍ରାଣହାନି ହେଉଛି। ତେଣୁ ଏହାର ବିଧିବଦ୍ଧ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯାଇ କ୍ଷତିପୂରଣ ଦେବାକୁ କେନ୍ଦ୍ର ମାନବାଧିକାର କମିଶନ, ନିର୍ଦ୍ଦେଶକ ସିବିଆଇ, ଚେୟାରମ୍ୟାନ ଜାତୀୟ ରାଜପଥ ପ୍ରାଧିକରଣ ଦିଲ୍ଲୀ, ଏସ୍‌ପି ସିବିଆଇ, ଇଞ୍ଜିନିୟରିଂ ଇନ ଚିଫ୍ ଓଡିଶା ଭୁବନେଶ୍ୱରଙ୍କ ପାଖରେ ଦାବି କରାଯାଇଛି।

### ଉଠାଜଳସେଚନ ନିଗମ ଅଧକ୍ଷଙ୍କ ବାଲିଗୁଡ଼ା ଗସ୍ତ

**ବାଲିଗୁଡ଼ା,୪।୨(ଡି.ଏନ୍.ଏ.):** କନ୍ଧମାଳ ଜିଲ୍ଲାକୁ ଦୁଇ ଦିନିଆ ଗସ୍ତରେ ଆସି ମଙ୍ଗଳବାର ବାଲିଗୁଡ଼ାରେ ପହଞ୍ଚିଛନ୍ତି ଉଠାଜଳସେଚନ ନିଗମ ଅଧକ୍ଷ ଅମରେନ୍ଦ୍ର ପତ୍ରୀ। ବାଲିଗୁଡ଼ା ବିଜେଡି କାର୍ଯ୍ୟାଳୟ ପରିସରରେ ଦଳପକ୍ଷରୁ ବ୍ଲକ ସଭାପତି ଟୁନାଦାସ ନିଗମ ଅଧକ୍ଷ ତଥା ରାଜ୍ୟ ବିଜେଡି ଯୁବସଭାପତି ଅମରେଶ ପତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବାଲିଗୁଡ଼ା ଉଠାଜଳସେଚନ ବିଭାଗ କାର୍ଯ୍ୟାଳୟକୁ ଯାଇ ଅଧିକାରୀମାନଙ୍କ ସହିତ ସମୀକ୍ଷା କରିଥିଲେ। ପରେ ଦାରିଙ୍ଗବାଡ଼ି ଗସ୍ତରେ ଯାଇଥିଲେ।

### ବାଇକ ଧକ୍କାରେ କୃଷ୍ଣସାର ମୃତ

**ବୁଗୁଡା,୪।୨(ଡି.ଏନ୍.ଏ.):** ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ଜିଲିବା ରାସ୍ତାରେ ମଙ୍ଗଳବାର ରାତି ପ୍ରା ୮ଟାରେ ବାଇକ ଧକ୍କାରେ ଏକ କୃଷ୍ଣସାର ମୃଗର ମୃତ୍ୟୁ ହୋଇଛି। ବାଇକ ଆରୋହୀ ଜଣକ ବଡଖୋଲରୁ ବେଲଗୁଣ୍ଠା ଯାଉଥିବାବେଳେ ଜିଲିବା ନିକଟରେ ରାସ୍ତାପାର ହେଉଥିବା କୃଷ୍ଣସାରକୁ ଧକ୍କା ଦେଇଥିଲା। ବନବିଭାଗ ମୃତ କୃଷ୍ଣସାରକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପୋତି ଦେଇଛି।

### ୪୫୦ ବସ୍ତା କୋଇଲା ଜବତ



**ଭଦ୍ରକ ଅଫିସ, ୪।୨:** ଧାମରା ଅଞ୍ଚଳରେ କୋଇଲା ଚୋରିକୁ ରୋକିବା ପାଇଁ ବନ୍ଦର ସିକ୍ୟୁରିଟି ଅଧିକାରୀ ସୁନୀଲ ଥୋମାସଙ୍କ ନିର୍ଦ୍ଦେଶରେ ଏକ ୨୦ ଜଣିଆ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପ୍ରାୟ ୪୫୦ ବସ୍ତା କୋଇଲା ମଙ୍ଗଳବାର ଜବତ କରିଛନ୍ତି। ଜବତ କୋଇଲାକୁ ଧାମରା ବନ୍ଦର ଅଧୀନରେ ଥିବା ଭଟ୍ଟଡିରା, ଗୁରୁଦାସପୁର ଓ ମନ୍ତେଇ ନିକଟରେ ରଖାଯାଇଛି। ଆଗାମୀ ଦିନରେ କୋଇଲା ଚୋରିକୁ ରୋକିବା ପାଇଁ ଏହାର ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି ଓ ଏହାକୁ କାର୍ଯ୍ୟକାରୀ କରାଯିବ। ଏଥିସହିତ କୋଇଲା ଚୋରିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରାଯିବ ବୋଲି ଧାମରା ବନ୍ଦର ସିକ୍ୟୁରିଟି ଅଧିକାରୀ ସୂଚନା ଦେଇଛନ୍ତି।

# ଆଧୁନିକ ଯୁଗରେ ବଞ୍ଚିଛି ପାରମ୍ପରିକ ପାଇକ ଆଖଡ଼ା

**ଛତ୍ରପୁର,୪।୨(ଡି.ଏନ.ଏ.)**

ଆଜିର ଆଧୁନିକ ଯୁଗରେ କଳା ଓ ପରମ୍ପରାକୁ ଅନେକେ ଭୁଲିବାକୁ ବସିଲେଣି । ଅପରପକ୍ଷରେ ଆଧୁନିକତାର ଚାକଚକ୍ୟ ଭିତରେ ଆଜି ବି ବଞ୍ଚି ରହିଛି ପାରମ୍ପରିକ ପାଇକ ଆଖଡ଼ା। ପାଇକ ଖୋର୍ଦ୍ଧା ମାଟିର କଥା । ତେବେ ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅଧୀନ ପୋଢଲାମପୁର ପଞ୍ଚାୟତ ଗଙ୍ଗାପୁର ଗାଁରେ ମା' ଶୀତଳା ଠାକୁରାଣୀଙ୍କ ବୀର ପାଇକ ଆଖଡା ରହିଛି । ଏଠାରେ ପାଇକମାନେ ଅଛନ୍ତି । ବିଭିନ୍ନ ପୁରସ୍କାର ଉକ୍ତ ପାଇକ ଆଖଡାକୁ ମିଳିଛି । ଅପରପକ୍ଷରେ ପ୍ରୋତ୍ସାହନର ଅଭାବ ରହିଛି ଏବଂ ଏହାର ଆବଶ୍ୟକତା ଅଛି ବୋଲି ପାଇକ ଆଖଡା ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷମାନେ ମତପୋଷଣ କରିଛନ୍ତି । ଇଂରେଜ ଶାସନକୁ ଲୋପ କରିବା ଉଦ୍ଦେଶ୍ୟରେ ପାଇକ ବିଦ୍ରୋହ ହୋଇଥିଲା । ୧୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବାପା, ଗୋସାଇଁବାପା ପିଢି ପିଢି ଧରି ଏହି ପାଇକ ଆଖଡା ଚାଲିଛି । ମଝିରେ ଏହା ଧିମେଇଯାଇଥିଲା ।



କଳା ପ୍ରଦର୍ଶନ କରାଯାଉଛି ।

ମାତ୍ର ପରେ ଗଙ୍ଗାପୁର ଗାଁରେ ଯୁବକ ଓ ପରିଣତ ବୟସରେ ଥିବା ବ୍ୟକ୍ତିମାନେ ମିଶି ପୁଣି ପାଇକ ଆଖଡାକୁ ସକ୍ରିୟ କରିଥିଲେ । ଗତ ୨୦ ବର୍ଷ ହେଲା ଏହି ପାଇକ ଆଖଡା ଗଙ୍ଗାପୁର ଗାଁରେ ଚାଲିଛି । ଏଥିସହ ବିଭିନ୍ନ ସ୍ଥାନରେ ଏହି ପାରମ୍ପରିକ କଳାକୁ ପରିବେଷଣ କରି ଗଙ୍ଗାପୁରର ଉକ୍ତ ଆଖଡା ଅନୁଷ୍ଠାନ ପୁରସ୍କାର ପାଇଆସୁଛି । ଏପରିକି ରାଜ୍ୟ ବାହାରେ ମଧ ଏହି ଅନୁଷ୍ଠାନ ଉକ୍ତ ପାରମ୍ପରିକ କଳା ପରିବେଷଣ କରି ପୁରସ୍କୃତ ଓ ସମ୍ମାନିତ ହୋଇଛି । ଛତ୍ରପୁର ବ୍ଲକ କଳା ସଂଘ ସହ ଏହି ଅନୁଷ୍ଠାନ ସହବନ୍ଧିତ ହୋଇଛି । ଏହି ଅନୁଷ୍ଠାନର କେତେଜଣ କଳାକାରଙ୍କୁ କଳାକାର ଭତ୍ତା ମଧ ମିଳୁଛି। ମାତ୍ର ଏହାକୁ ସରକାର ଆହୁରି ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଅନୁଷ୍ଠାନର ଏକ କମିଟି ଗଠନ ହୋଇଛି । ଗୋବିନ୍ଦ ନାହାକ ସଭାପତି, ଶ୍ରୀପତି ଖୁଣ୍ଟିଆ ସମ୍ପାଦକ, ରାଜେନ୍ଦ୍ର ପ୍ରଧାନ କୋଷାଧକ୍ଷ, ସମ୍ବାରିଆ ନାହାକ ପରିଚାଳକ, ନରସିଂହ ଖୁଣ୍ଟିଆ ଉପସଭାପତି ଓ ଅର୍ଜୁନ ପ୍ରଧାନ ଉପଦେଷ୍ଟା ରହିଛନ୍ତି । ଏହି ଅନୁଷ୍ଠାନ ସରକାରଙ୍କ ଦ୍ୱାରା ରେଜିଷ୍ଟ୍ରିଭୁକ୍ତ ରହିଛି । ଅନୁଷ୍ଠାନର ଶ୍ରୀନିବାସ ନାୟକ କହିଛନ୍ତି, ଓଡ଼ିଶାର ପାରମ୍ପରିକ କଳା ଦେଶ ସ୍ୱାଧୀନ ପାଇଁ ଆରମ୍ଭ ହୋଇଥିଲା । ଏହି କଳାକୁ ବଜାୟ ରଖିବାକୁ ହେଲେ ସରକାରୀ ଅନୁଦାନର ଆବଶ୍ୟକତା ରହିଛି । ରାଜ୍ୟ ସରକାରଙ୍କ ପକ୍ଷରୁ କଳାକାରମାନଙ୍କ ପାଇଁ କିଛି ସୁବିଧା ସୁଯୋଗ ଅଛି । କେନ୍ଦ୍ର ସରକାର ମଧ ଏଥିପ୍ରତି ଧ୍ୟାନ ଦେବା ଜରୁରୀ। ଅନୁଷ୍ଠାନ ସଭାପତି ଗୋବିନ୍ଦ ନାହାକ କହିଛନ୍ତି, ଛଣି ବାଡି, ଚକ୍ର, ନିଆଁ ହୁଳା, ଶଗଡ ଗୁଳି, ଅଡା ଓ ଖଣ୍ଡାକୁ ନେଇ କଳା ପ୍ରଦର୍ଶନ କରୁଛୁ। ଏହା ଦ୍ୱାରା ଦେହ ସୁସ୍ଥ ରହୁଛି । କଳାକାର ମହିନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ଏହା କିଭଳି ଲୋପ ନ ପାଇ ଆଗକୁ ବଢିବ ଏବଂ ଏକ କମ୍ୟୁନିଟି ସେଣ୍ଟରର ଆବଶ୍ୟକତା ରହିଛି । ସେଥିପ୍ରତି ଧ୍ୟାନଦେବା ଆବଶ୍ୟକ। ସକାଳୁ ଅଭ୍ୟାସ କରାଯାଉଛି।

## ଆହତ ଷଣ୍ଢର ଅସ୍ତ୍ରୋପଚାର କଲେ ପ୍ରାଣୀଧନ ନିରୀକ୍ଷକ

**ବନ୍ତ, ୪।୨(ସ୍ୱ.ପ୍ର.)**

ବନ୍ତ ବ୍ଲକ ନରସିଂହପୁର ପାନପଦୀ ଛକରେ କିଛି ଦିନ ଧରି ଆହତ ଅବସ୍ଥାରେ ପଡିରହିଥିବା ସ୍ଥାନୀୟ ଗୁପ୍ତେଶ୍ୱର ମହାଦେବଙ୍କ ଷଣ୍ଢର ଅସ୍ତ୍ରୋପଚାର ସ୍ଥାନୀୟ ଯୁବକ ମାନଙ୍କ ସହାୟତାରେ ବସନ୍ତିଆ ପ୍ରାଣୀଧନ ନିରୀକ୍ଷକ କୃଷ୍ଣଚନ୍ଦ୍ର ଲେଙ୍କା କରିଛନ୍ତି। ଷଣ୍ଢଟିର ହୁଙ୍କୁଡ ପାଖରୁ ଗୋଟିଏ ଗୋଡ ବାହାରିଥିଲା। କୌଣସି କାରଣରୁ ଆଘାତ ହୋଇ ଉକ୍ତ ଗୋଡ ବାହାରିଥିବା ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସଂକ୍ରମଣ ହୋଇଯାଇଥିଲା। କିଛିଦିନ ତଳେ ପ୍ରାଣୀ ନୀରିକ୍ଷକ ଲେଙ୍କା ତାହାର ଚିକିତ୍ସା କରିଥିଲେ ମଧ୍ୟ ସୁଧାର ନଆସିବାରୁ ଏବେ ଉକ୍ତ ସଂକ୍ରମଣ ଗୋଡଟିକୁ ଅସ୍ତ୍ରୋପଚାର କରି ଶରୀରରୁ ବାହାର କରିଦେଇଛନ୍ତି। ଏଥିରେ ସ୍ଥାନୀୟ ସମାଜସେବୀ ଶିବନାରାଣ ବିଶ୍ୱାଳ, ୱାର୍ଡ ସଭ୍ୟ ସନ୍ତୋଷ କୁମାର ସ୍ୱାଇଁ, ନିହାର ରଞ୍ଜନ ପରିଡା, ଜଗନ୍ନାଥ ସ୍ୱାଇଁ, ମୁନମୁନ ପରିଡା ପ୍ରମୁଖ ସହଯୋଗ କରିଥିଲେ। ଯୁବଗୋଷ୍ଠୀ ଓ ପ୍ରାଣୀନୀରିକ୍ଷକଙ୍କ ଏପରି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଭ୍ରମଣ କାହାଣୀ ପୁସ୍ତକ ଉନ୍ମୋଚିତ

**ଚିକିଟି,୪।୨(ଡି.ଏନ.ଏ.)**

ନବରଙ୍ଗପୁର ଜିଲାର କୋଷାଗୁମୁଡାରେ ଓଡିଶା ସାହିତ୍ୟ ଏକାଡେମି ପକ୍ଷରୁ କାକର ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ସାହିତ୍ୟ ଏକାଡେମିର ସଦସ୍ୟ ବୁଲୁ ହୋତା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଝରିଗାଁ ବିଧାୟକ ପ୍ରକାଶ ମାଝି, ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରି, କବି ବଳରାମ ପୁଜାରୀ, ସାମାଜିକ କର୍ମୀ ନିରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ଗଞ୍ଜାମ ଜିଲା ଚିକିଟି ବ୍ଲକ୍ ନୂଆପଡା ଗ୍ରାମର ସାହିତ୍ୟିକ ତଥା ବାହୁଦା ମହୋତ୍ସବ ସଭାପତି କିଶୋର ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଲିଖିତ ଭ୍ରମଣ କାହାଣୀ ଐଶ୍ୱର୍ଯ୍ୟର ପଟଚିତ୍ର ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।



ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ।

## ଅନିଶ୍ଚିତ ଘେରରେ ଗଞ୍ଜାମ ପୋତାଗଡ଼ ମହୋତ୍ସବ

**ଗଞ୍ଜାମ,୪।୨(ଡି.ଏନ.ଏ.)**

ଗତବର୍ଷ ଫେବୃୟାରୀ ୩, ୪ ତାରିଖରେ ପ୍ରଥମ ଥର ପାଇଁ ପୋତାଗଡ଼ଠାରେ ପୋତାଗଡ଼ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଚଳିତ ବର୍ଷ ତାହା ଅନିଶ୍ଚିତ ଘେରରେ ରହିଛି। କାରଣ ଏଯାବତ୍ ଗଞ୍ଜାମ ସହରରେ ମହୋତ୍ସବ ସମ୍ପର୍କିତ ବୈଠକ ମଧ ହୋଇନାହିଁ। ଜିଲାର ସବୁଠି ମହୋତ୍ସବ ହେଉଥିବା ବେଳେ ଏଠାରେ କାହିଁକି ହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ଗୋପାଳପୁର ମହୋତ୍ସବ ଖବରଦାତା ସମ୍ମିଳନୀରେ ଖୋଦ ଜିଲାପାଳ ପୋତାଗଡ଼ ମହୋତ୍ସବ ହେବା ପାଇଁ ଇସାରା ଦେଇଥିଲେ। କିନ୍ତୁ ରାଜନୈତିକ ଇଚ୍ଛାଶକ୍ତି ନ ଥିବା ସହରରେ ଚର୍ଚ୍ଚା ଜୋର ଧରିଛି। ଲୋକଙ୍କ ମନୋରଞ୍ଜନ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଗଞ୍ଜାମରେ ତାହା କାହିଁକି ହେଉନାହିଁ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ବଡ ବଜାର ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକ୍ କହିଛନ୍ତି, ସମସ୍ତଙ୍କ ସହଯୋଗ ରହିଲେ ମହୋତ୍ସବ ହେବାରେ ଅସୁବିଧା ହେବ ନାହିଁ। ମହୋତ୍ସବ କରିବାକୁ ହେଲେ ସମସ୍ତେ ଏକ ହୋଇ କାର୍ଯ୍ୟ କରିବାକୁ ପଡିବ ବୋଲି ପୂର୍ବତନ ଏମ୍‌ପି ପ୍ରତିନିଧି ତଥା ବିଜେଡି ଯୁବନେତା ସୁଧୀର କୁମାର ପାଢ଼ୀ କହିଛନ୍ତି।

## ଋଷିକୁଲ୍ୟା ନଦୀଘାଟର ସୌନ୍ଦର୍ଯ୍ୟକରଣ ସମୀକ୍ଷା



ଜିଲାପାଳଙ୍କ ସମୀକ୍ଷା।

**ପୁରୁଷୋତ୍ତମପୁର,୪।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାର ମା ତାରାତାରିଣୀଙ୍କ ମନ୍ଦିର ନିକଟ ଋଷିକୁଲ୍ୟା ନଦୀ ଘାଟର ସୌନ୍ଦର୍ଯ୍ୟ କରଣ ଓ ବିକାଶ ଲାଗି ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଆସି ସମୀକ୍ଷା କରିଥିଲେ। ଖୁଦେଶ୍ୱର ମହାଦେବ ମନ୍ଦିର, ଉପାନଦେବୀ ନଦୀ ଘାଟରେ ଗଭୀର ଗଣ୍ଡ ରହିଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ପାଣିରେ ବୁଡି ମୃତ୍ୟୁବରଣ କରୁଛନ୍ତି। ଏଣୁ ଏହାକୁ ରୋକିବା ପାଇଁ ନଦୀ ଘାଟ ନିର୍ମାଣ କରିବା ଲାଗି ଅଞ୍ଚଳବାସୀଙ୍କ ପକ୍ଷରୁ ରହିଥିବା ଦୀର୍ଘ ଦିନର ଦାବିକୁ ମଧ ସମୀକ୍ଷା କରିଛନ୍ତି। ଋଷିକୁଲ୍ୟା ନଦୀର ଏହି ଗଣ୍ଡ ରହିଥିବା ସ୍ଥାନରେ ନଦୀ ଘାଟ ନିର୍ମାଣ କରିବା, ପର୍ଯ୍ୟଟକମାନଙ୍କ ମନୋରଞ୍ଜନ ଲାଗି ଖୁଦେଶ୍ୱର ମନ୍ଦିରରୁ ଉପାନଦେବୀ ମନ୍ଦିର ଘାଟ ପର୍ଯ୍ୟନ୍ତ ଏକ ପାର୍କ ନିର୍ମାଣ କରିବା ଆଦି ଉପରେ ନକ୍ସା ପ୍ରସ୍ତୁତ ଲାଗି ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏକ ମିନି ବସଷ୍ଟାଣ୍ଡ ନିର୍ମାଣ, ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ରୋଷେଇ ଲାଗି ପାଣି ଯୋଗାଇବା, ମେଡିକାଲ ନିର୍ମାଣ ଲାଗି ରାଇପୁର ସରପଞ୍ଚ ରାଜେନ୍ଦ୍ର କୁମାର ଶତପଥୀ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ। ଏଥିରେ ପୁରୁଷୋତ୍ତମପୁର ବିଡିଓ ସୀମାଞ୍ଚଳ ମହାନ୍ତି, ଅତିରିକ୍ତ ତହସିଲଦାର ସୁନିଲ କୁମାର ଗୁଡ୍ଡୁ, ମନ୍ଦିର ଉନ୍ନୟନ ପରିଷଦର ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ପୂଜକ ବାପୁଜୀ ରଣାଙ୍କ ସହ ପୂର୍ତ୍ତ ବିଭାଗ, ଜଳ ସମ୍ପଦ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରାସ୍ତା ଉପରେ ହାଟ, ବଢୁଛି ଟ୍ରାଫିକ ସମସ୍ୟା



ରାସ୍ତା ପାର୍ଶ୍ୱରେ ବିକ୍ରି ହେଉଛି ପରିବା।

**ଆର.ଉଦୟଗିରି, ୪।୨ (ଡି.ଏନ.ଏ.)**

ଆର.ଉଦୟଗିରି ବିଡିଓଙ୍କ ବାସଗୃହଠାରୁ ଗାନ୍ଧୀ ପାର୍କ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ବ୍ୟବସାୟୀମାନେ ପରିବା ବିକ୍ରି କରୁଛନ୍ତି। ଫଳରେ ଗ୍ରାହକମାନେ ପରିବା କିଣିବା ବେଳେ ରାସ୍ତା ଉପରେ ନିଜ ଗାଡ଼ି ରଖୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

ଏଥିସହ ଯାତ୍ରୀ ଓ ଛାତ୍ରୀଛାତ୍ରଙ୍କ ଯାତାୟାତରେ ଅସୁବିଧା ହେବା ସହ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏ ନେଇ ବହୁବାର ଅଭିଯୋଗ ପରେ ପଞ୍ଚାୟତ ପ୍ରଶାସନ ବ୍ୟବସାୟୀଙ୍କୁ ଗାନ୍ଧୀ ପାର୍କ ଭିତରେ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟବସାୟୀମାନେ କିଛି ଦିନ ପାର୍କ ଭିତରେ ବିକ୍ରି କରିବା ପରେ ପୁଣି ରାସ୍ତାରେ ବସୁଛନ୍ତି। ବ୍ୟବସାୟୀମାନେ କୁହନ୍ତି ଯେ, ପାର୍କ ଭିତରେ ଆମର ପରିବା ବିକ୍ରି ହୋଇପାରୁନାହିଁ। ସେଥିପାଇଁ ଆମେ ରାସ୍ତା ପାର୍ଶ୍ୱରେ ବସୁଛୁ। ଏହାଦ୍ୱାରା ବସ୍‌ଷ୍ଟାଣ୍ଡକୁ ଯାତ୍ରୀବାହୀ ବସ୍ ଯାତାୟାତରେ ବହୁ ଅସୁବିଧା ହେଉଥିବା ଚାଳକମାନେ ଅଭିଯୋଗ କରୁଛନ୍ତି। ଏ ନେଇ ଆର.ଉଦୟଗିରି ସରପଞ୍ଚ ସଂଯୁକ୍ତା ପୂଜାରିଙ୍କୁ ପଚାରିବାରୁ ବେପାରୀଙ୍କୁ ବାରମ୍ବାର ରାସ୍ତା ଉପରେ ନ ବିକିବା ପାଇଁ କହିବା ସତ୍ତ୍ୱେ ସେମାନେ ଶୁଣୁନାହାନ୍ତି। ଏହି ବିଷୟ ନେଇ ସ୍ଥାନୀୟ ପୋଲିସକୁ ମଧ ମୁଁ ଜଣାଇଛି ବୋଲି ସେ କହିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଧରାକୋଟ,୪।୨(ଡି.ଏନ୍.ଏ.)**

ଧରାକୋଟସ୍ଥିତ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରେ ୧୨ ଦିନ ଧରି ଶିବିରାର୍ଥୀ ତାଲିମ ଗ୍ରହଣ କରିବେ। ଯୁକ୍ତ ଦୁଇ ଶ୍ରେଣୀର ୮୮ ଜଣ ଛାତ୍ରୀ ମାଷ୍ଟର ଟ୍ରେନର ସୋନାଲି ଗୌଡ଼ ଓ ବନିତା ସାହୁଙ୍କ ଠାରୁ ତାଲିମ ଗ୍ରହଣ କରିଥିଲେ। ନୋଡାଲ ଅଧିକାରୀ ଅଧ୍ୟାପିକା କ୍ଷୀରାବ୍ଧି ସାହୁ ଶିବିର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷ ଅକ୍ଷୟ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଡିଓ ବିବୁଧ ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ବିଇଓ ରବୀନ୍ଦ୍ର କୁମାର ପଣ୍ଡା, ସିଆର୍‌ସିସି ଭାସ୍କର ବାଡ଼ତ୍ୟା, ଅଧ୍ୟାପକ ବଳରାମ ସ୍ୱାଇଁ, ଲଡୁ କିଶୋର ବେହେରା ମଞ୍ଚାସୀନ ଥିଲେ।

## ଅନ୍‌ସ୍ଲୋ ହାଇସ୍କୁଲ ବାର୍ଷିକ କ୍ରୀଡ଼ା



ମୁଖ୍ୟ ଅତିଥି କ୍ରୀଡ଼ା ପ୍ରତିଯୋଗିତା ଶୁଭାରମ୍ଭ କରୁଛନ୍ତି।

**ଛତ୍ରପୁର,୪।୨(ଡି.ଏନ୍.ଏ.)**

ବ୍ରିଟିଶ୍ ଅମଳର ତଥା ସର୍ବପୁରାତନ ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ସରକାରୀ ହାଇସ୍କୁଲର ୧୬୫ତମ ବାର୍ଷିକ କ୍ରୀଡ଼ା ମଙ୍ଗଳବାର ସ୍ଥାନୀୟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ ଅବିନାଶ ଶତପଥୀ ଯୋଗଦେଇ କ୍ରୀଡ଼ା ପତାକା ଦେଖାଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ ରହିଥାଏ। ତେଣୁ ଛାତ୍ରୀଛାତ୍ର ପାଠପଢା ସହ କ୍ରୀଡ଼ା ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ବ୍ଲକ ଶିକ୍ଷାଧିକାରୀ କହିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବାଉରୀବନ୍ଧୁ ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ଜଗଦୀଶ ଚନ୍ଦ୍ର ପଲେଇ, ଶିକ୍ଷୟିତ୍ରୀ ଅମୃତା ପାଣିଗ୍ରାହୀ, ତୁହିନା ମହାପାତ୍ର ସହଯୋଗ କରିଥିଲେ। କ୍ରୀଡାଶିକ୍ଷକ ଅରୁଣ କୁମାର ମାନସିଂହ ଏହାକୁ ସଂଯୋଜନା କରିଥିଲେ । ନିକଟସ୍ଥ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ରମଣୀ ରଞ୍ଜନ ପର୍ଡା, ନାରାୟଣ ରଥ, ସନ୍ତୋଷ ବିଷୋୟୀ ଓ ସୁଜାତା ପାତ୍ର ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ ।

## ତଅଁଳରେ ସ୍ୱାସ୍ଥ୍ୟ ସେବା ଶିବିର

**ବଉଳା, ୪। ୨(ଡି.ଏନ.ଏ.)**

ହାଟଡ଼ିହୀ ବ୍ଲକର ଆଦିବାସୀ ବହୁଳ କେ.ବାଲିପାଳ ପଞ୍ଚାୟତର ତଅଁଳ ଗ୍ରାମର ବାଙ୍ଗୋର ଓଏମସି ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରକୁ ଓଏମସିର ଆରଏମ ଘନଶ୍ୟାମ ସାହୁ, ପର୍ସନାଲ ମ୍ୟାନେଜର ସରୋଜ କୁମାର ନାୟକ, ପର୍ସନାଲ ମ୍ୟାନେଜର ପିଙ୍କି ହେମ୍ବ୍ରମ, ମେଡିକାଲ ଅଫିସର ଡ.ତପସ୍ୱିନୀ ସେଠୀ ଉପସ୍ଥିତ ରହି ସ୍ୱାସ୍ଥ୍ୟ ସେବା ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଗ୍ରାମର ୧୬୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଫାର୍ମାଶିଷ୍ଟ ଭାସ୍କର ମହାନ୍ତି, କମଳଜ୍ୟୋତି ସାହୁ, ଦେବାଶିଷ ନାୟକ, ମହେନ୍ଦ୍ର କୁମାର, ଏସ୍‌କେ. ନାୟକ, ପିଙ୍କୁ, ସୁଜନ, ଅକ୍ଷୟ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

## ସୁନୁପୁର ବେଳାଭୂମି ମହୋତ୍ସବ ପ୍ରସ୍ତୁତି ବୈଠକ



ବିଭିନ୍ନ ବିଭାଗର ଅଧିକାରୀବୃନ୍ଦ।

**ଚିକିଟି,୪।୨(ଡି.ଏନ.ଏ.)**

ଚିକିଟି ବ୍ଲକ୍ ସୁନୁପୁର ବେଳାଭୂମି ମହୋତ୍ସବ ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିପାଇଁ ବେଳାଭୂମି ମହୋତ୍ସବ ପରିଚାଳନା କମିଟି ଅଧକ୍ଷା ତଥା ବିଧାୟିକା ଉଷା ଦେବୀ ଏବଂ ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଲୋକନୃତ୍ୟ, ଓଡ଼ିଶୀ ନୃତ୍ୟ ଭଳି ବିଭିନ୍ନ ସଙ୍ଗୀତ ପରିବେଶିତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ମହୋତ୍ସବ ଉଦ୍‌ଘାଟନରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀଙ୍କ ସୁରକ୍ଷା ଓ ମହୋତ୍ସବରେ ଟ୍ରାଫିକ୍ ସମସ୍ୟା ନେଇ ଜିଲା ପ୍ରଶାସନ ପକ୍ଷରୁ ବହୁ ପଦକ୍ଷେପ ନିଆଯାଇଛି। ବୈଠକରେ ଅତିରିକ୍ତ ତହସିଲ୍‌ଦାର ଡ ଶକ୍ତିପ୍ରସାଦ ଶ୍ରୀଚନ୍ଦନ, ଚିକିଟି ବିଡିଓ ଫାଲ୍‌ଗୁନୀ ମାଝି, ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ପାତ୍ରପୁର ବିଡିଓ ପ୍ରକାଶ ଚନ୍ଦ୍ର ଦାସ, ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କ ସମେତ ପାତ୍ରପୁର ବିଇଓ କୁରେଶ ସେଠୀ ଏବଂ ଚିକିଟି ଓ ପାତ୍ରପୁର ବ୍ଲକ୍‌ର ବିଦ୍ୟୁତ୍, ବନବିଭାଗ ପ୍ରମୁଖ ଅଧିକାରୀ ଯୋଗଦେଇଥିଲେ।








# ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ, ଭିଡିଓ ଭାଇରାଲ

- ଯୁବତୀଙ୍କ ନିର୍ବନ୍ଧ ପରେ ଭାଙ୍ଗିଲା ବାହାଘର
- ବଳାତ୍କାର ମାମଲାରେ ପ୍ରେମିକ ଅଟକ
- ଡାକ୍ତରୀ ମାଇନା ପରେ ବୟାନ ରେକର୍ଡ

ଦିଗପହଣ୍ଡି,୪।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଧୀନ ଏକ ଗାଁର ଜଣେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡ଼ିଓ ଭାଇରାଲ ପରେ ତାଙ୍କ ବାହାଘର ଭାଙ୍ଗିଯାଇଛି। ଅଭିଯୋଗ ପରେ ଘଟଣାରେ ସମ୍ପୃକ୍ତ ତାଙ୍କ ସହପାଠୀ ତଥା ପ୍ରେମିକ ରତ୍ନାକର ଗୌଡଙ୍କୁ ପୋଲିସ ଅଟକ ରଖିଛି।

ପ୍ରକାଶ ଯେ, ବ୍ରହ୍ମପୁରର ଜଣେ ଯୁବ ବ୍ୟବସାୟୀଙ୍କ ସହ ସମ୍ପୃକ୍ତ ଯୁବତୀଙ୍କ ନିର୍ବନ୍ଧ ସରିଥିଲା। ଭିଡିଓ ଭାଇରାଲ ହେବା ପରେ ପୁଅ ଘର ଲୋକେ ବାହାଘର ପ୍ରସ୍ତାବ ଭାଙ୍ଗି ଦେଇଛନ୍ତି। ଏନେଇ ଯୁବତୀ ଜଣକ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଯୁବତୀଙ୍କ ଏତଲାକୁ ଭିତ୍ତିକରି ଆଇଆଇସି ବସନ୍ତ କୁମାର ସେଠୀ ନଂ.୨୭/୨୦ରେ ମାମଲା ରୁଜୁ କରିଛନ୍ତି। ଯୁବତୀଙ୍କ କଲେଜ ସହପାଠୀ ରତ୍ନାକରଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା ଚଳାଇଛି। ଯୁବତୀ ଜଣକ ଗୋଟିଏ କଲେଜରେ ଯୁକ୍ତ ୩ ବିଜ୍ଞାନ ପଢୁଥିବାବେଳେ କଳା ବିଭାଗରେ ପଢୁଥିବା ରତ୍ନାକରଙ୍କ ସହ ସମ୍ପର୍କ ଗଢି ଉଠିଥିଲା। ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଓ ଫଟୋ ଭାଇରାଲ କରିଦେବାର ଧମକ ଦେଇ ବିଭିନ୍ନ ସମୟରେ ସେ ବଳାତ୍କାର କରିଥିବା ଯୁବତୀ ଜଣକ ଏତଲାରେ ଉଲ୍ଲେଖ କରିଛନ୍ତି। ସେପ୍ଟେମ୍ବର ୧୯ରେ ଯୁବତୀଙ୍କ ନିର୍ବନ୍ଧ ହୋଇଥିଲା। ଜାନୁୟାରୀ ୩୦ରେ ବାହାଘର ତିଥି ଧାର୍ଯ୍ୟ ହୋଇଥିଲା। ଖବର ପାଇ ରତ୍ନାକର ଯୁବତୀଙ୍କ ବାହାଘର ଠିକ୍ ହୋଇଥିବା ଯୁବକଙ୍କ ଭାଇ ଓ ଭାଉଜଙ୍କ ମୋବାଇଲ ନମ୍ବର ସଂଗ୍ରହ କରି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡ଼ିଓ ପଠାଇଥିଲେ। ଏସବୁ ଜଣାପଡିବା ପରେ ପୁଅଘର ଲୋକେ ବିବାହ ଭାଙ୍ଗିଦେବା ସହ ନ୍ୟାୟ ପାଇଁ କୁଳସଭାର ଦ୍ୱାରସ୍ଥ ହୋଇଥିଲେ। କୁଳସଭାର ନିଷ୍ପତ୍ତିକୁ ଯୁବତୀ ଓ ତାଙ୍କ ପରିବାର ଲୋକେ ଗ୍ରହଣ କରି ନ ଥିଲେ। ଓଲଟି ଯୁବତୀ ଜଣକ ବିବାହ ସ୍ଥିର ହୋଇଥିବା ପୁଅ ଓ ତାଙ୍କ ପରିବାର ଲୋକେ ତାଙ୍କୁ ବଦନାମ କରିବାକୁ ରତ୍ନାକରଙ୍କ ସହାୟତାରେ ଭିଡିଓ ଭାଇରାଲ କରିବା ସହ ଜବରଦସ୍ତ ୫ ଲକ୍ଷ ଟଙ୍କା ପାଇଁ ଧମକ ଦେଉଥିବା ଏତଲାରେ ଉଲ୍ଲେଖ କରିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଆଇଆଇସି କହିଛନ୍ତି। ବ୍ରହ୍ମପୁର ମେଡ଼ିକାଲରେ ଯୁବତୀଙ୍କ ଡାକ୍ତରୀ ମାଇନା ପରେ ମଙ୍ଗଳବାର ସନ୍ଧ୍ୟାରେ ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଛି। ବ୍ରହ୍ମପୁର ସାଇବର ଥାନାର ଅଧିକାରୀମାନେ ଦିଗପହଣ୍ଡି ଥାନାରେ ପହଞ୍ଚି ଉଭୟ ପକ୍ଷଙ୍କ ମୋବାଇଲ ଫୋନ ଜବତ କରି ଭାଇରାଲ ଭିଡ଼ିଓର ମୂଳ ଉତ୍ସ ଓ ସତ୍ୟତା ସମ୍ପର୍କରେ ତଦନ୍ତ ଚଳାଇଛନ୍ତି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ